ବର୍ଷ-୨୬, ସଂଖ୍ୟା-୪୪
ଭୁବନେଶ୍ୱର
୧୪, ଫେବୃଆରୀ, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା
Vol.-26, Issue No. 44
Bhubaneswar
14 February, 2026 Saturday
Page-08, Rs.: 2.00

ମହାଭାରତ
RNI Regd. No.: ODIODI2000/03863
Website : www.mahabharataepaper.com
Mahabharat


ଜିମ୍ବାୱେର ଐତିହାସିକ ବିଜୟ

# ନବରଙ୍ଗପୁରରୁ ଶ୍ରୀଜଗନ୍ନାଥ ଦର୍ଶନର ଶୁଭାରମ୍ଭ

**ନବରଙ୍ଗପୁର, ୧୩।୨ (ମହାଭାରତ):** ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ, ତେଣୁ ତାଙ୍କ ଦର୍ଶନ ପାଇଁ କୌଣସି ବାଧା ରହିବା ଉଚିତ ନୁହେଁ। ପ୍ରତିଟି ଓଡିଆ ଯେପରି ଜୀବନରେ ଅନ୍ତତଃ ଥରେ ସମ୍ମାନର ସହ ମହାପ୍ରଭୁଙ୍କ ଦର୍ଶନ ପାଇବେ, ଏହି ଚିନ୍ତାଧାରା ରଖି ଆମ ସରକାର 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କରିଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଠାରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ଏବଂ ସରକାରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଯେଉଁ ଦିନ ପ୍ରତିଟି ଗରିବ ଲୋକ ବିନା କୌଣସି ବାଧାରେ ମହାପ୍ରଭୁଙ୍କ ଚକାନୟନ ସହ ଆଖି ମିଳାଇ ପାରିବ ଏବଂ ଶ୍ରଦ୍ଧାରେ ଲୁହ ଝରାଇବ, ସେହିଦିନ ହିଁ ମୋର ମୁଖ୍ୟମନ୍ତ୍ରୀ ପଦ ସାର୍ଥକ ହେବ ଏବଂ ମୋ ପାଇଁ ସେହି ଭକ୍ତର ସନ୍ତୋଷ ହିଁ ହେବ ସର୍ବଶ୍ରେଷ୍ଠ ପୁରସ୍କାର।

ସୂଚନାଯୋଗ୍ୟ ଯେ, ଆଜି ରାଜ୍ୟର ନବରଙ୍ଗପୁର, ଭଦ୍ରକ, ବାରିପଦା, ସମ୍ବଲପୁର, ଏବଂ ବ୍ରହ୍ମପୁରଠାରୁ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ହୋଇଛି। ୫ଟି ଜିଲ୍ଲାରୁ ପ୍ରାୟ ୫୦୦ ଶ୍ରଦ୍ଧାଳୁ ତୀର୍ଥଯାତ୍ରୀ ଏସ୍କଟ ଅଫିସରଙ୍କ ସହିତ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଯୋଜନାରେ ଚଳିତ ବର୍ଷ ରାଜ୍ୟର ୫ ହଜାର ହିତାଧିକାରୀ ଏବଂ ଆସନ୍ତା ୪ ବର୍ଷ ମଧ୍ୟରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାର ଲକ୍ଷ୍ୟ ରହିଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ୬୦ ରୁ ୭୫ ବର୍ଷ ବୟସ ସୀମା ମଧ୍ୟରେ ଥିବା ବରିଷ୍ଠ ନାଗରିକ ଓ ୭୫ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ବିଧବା ମା' ମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଉଛି। ଯୋଜନାର ହିତାଧିକାରୀମାନଙ୍କୁ ଏସି ବସରେ ଯାତାୟତ ସହ ପୁରୀ ବୃନ୍ଦାବତୀ ନିବାସରେ ରହଣି ଓ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

ଏଥି ସହିତ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁ ଆକାଂକ୍ଷିତ ମେଡିକାଲ କଲେଜର ମଧ୍ୟ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ନବରଙ୍ଗପୁରର ପାତାଲଗୁଡାଠାରେ ୫୦ ଏକରରୁ ଉର୍ଦ୍ଧ୍ୱ ଜାଗା ଉପରେ ପ୍ରତିଷ୍ଠା ହେବାକୁ ଥିବା ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ ଏମ୍.ବି.ବି.ଏସ୍ ସିଟ ଓ ୪୨୦ଟି ଶଯ୍ୟା ରହିବ। ଏହି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପରେ ଜିଲ୍ଲାବାସୀ ଉନ୍ନତ ମାନର ଚିକିତ୍ସା ସୁବିଧା ପାଇଁ ଆଉ ଜିଲ୍ଲା ବାହାରକୁ ଯିବେ ନାହିଁ, ସମସ୍ତ ଅତ୍ୟାଧୁନିକ ଚିକିତ୍ସା ଜିଲ୍ଲା ଭିତରେ ହିଁ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ )ମେଡିକାଲ କଲେଜ କାର୍ଯ୍ୟକ୍ଷମ




## ନବରଙ୍ଗପୁରକୁ ନୂଆ ସରକାରୀ ମେଡ଼ିକାଲ୍ ଭେଟି
## ୪୪୬ କୋଟି ମୂଲ୍ୟର ୧୭୭ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

ହୋଇଛି। ଏଥି ସହିତ ଆଉ ୪ଟି ମେଡିକାଲ କଲେଜ ଆମର ପ୍ରତିଶ୍ରୁତି ଥିଲା। ଆଜି ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଗଲା। ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ। ରାଜ୍ୟବାସୀଙ୍କୁ ଗୁଣାତ୍ମକମାନର ସ୍ୱାସ୍ଥ୍ୟସେବା ଓ ରାଜ୍ୟରେ ଡାକ୍ତର ଅଭାବ ଦୂର କରିବା ପାଇଁ ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲା ପାଇଁ ୪୪୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୭୭ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୬୮ କୋଟି ଟଙ୍କା ମୂଲ୍ୟର ୧୧୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୩୭୮ କୋଟି ଟଙ୍କା ମୂଲ୍ୟର ୬୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡକ, ସେତୁ, ହଷ୍ଟେଲ, ବନ ସୁରକ୍ଷା ସମିତି, ଅଙ୍ଗନବାଡି କେନ୍ଦ୍ର ଆଦି ଏହି ସବୁ ପ୍ରକଳ୍ପ ଗୁଡିକ ନବରଙ୍ଗପୁରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରତା କ୍ଷେତ୍ରରେ ଜିଲ୍ଲା ଯେପରି ଶୀର୍ଷ ସ୍ଥାନରେ ପହଞ୍ଚିବ, ସେ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ ପଦକ୍ଷେପ ନେଉଛନ୍ତି। ନବରଙ୍ଗପୁର ରାଜ୍ୟ ରାଜଧାନୀ ଠାରୁ ବହୁ ଦୂରରେ ଥିଲେ ମଧ୍ୟ ବିକାଶ କେବେ ଜିଲ୍ଲା ପାଇଁ ଦୂର ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ ପ୍ରଦାନ କରିବା ସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ଓ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ଜୀବନରେ ସମସ୍ତଙ୍କ ଲକ୍ଷ୍ୟ ଥାଏ ଥରଟିଏ ଶ୍ରୀମନ୍ଦିର ଯାଇ ବାଇଶି ପାହାଚ ଚଢ଼ିବା ପାଇଁ। ସାଧାରଣ ଲୋକର ମନର ଭାବନାକୁ ରୂପାନ୍ତରିତ କରି ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ବ୍ୟବସ୍ଥା କରିଛୁ। ଏହି ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଯୋଜନା। ଜିଲ୍ଲାବାସୀଙ୍କ ପାଇଁ ମେଡିକାଲ କଲେଜ ଲାଇଫ୍ ଲାଇନ୍ ହେବ ବୋଲି ସେ କହିଥିଲେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ତିନି ଦଶନ୍ଧି ତଳେ ଓଡିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା । ଆଜି ଡବଲ ଇଞ୍ଜିନ ସରକାରରେ ମାତ୍ର ୧୮ ମାସ ମଧ୍ୟରେ ସବୁ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ମେଡିକାଲ କଲେଜ ଖୋଲିବା ପାଇଁ ଆମେ ପଦକ୍ଷେପ ନେଇଛୁ। ୨୦୨୪-୨୫ ରେ ରାଜ୍ୟରେ ୯ଟି ସରକାରୀ ମେଡିକାଲ କଲେଜ ଖୋଲିବା ପାଇଁ ସ୍ଥିରୀକୃତ ହୋଇଛି।

## ମାର୍ଚ୍ଚ ୯ ପର୍ଯ୍ୟନ୍ତ ସଂସଦ ମୁଲତବୀ

**ନୂଆଦିଲ୍ଲୀ, ୧୩।୨ (ମହାଭାରତ):** ବଜେଟ ଅଧିବେଶନର ପ୍ରଥମାର୍ଦ୍ଧ ଶୁକ୍ରବାର ଶେଷ ହୋଇଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନକୁ ନେଇ ବଜେଟ ଅଧିବେଶନର ପ୍ରଥମ ଭାଗରେ ପ୍ରବଳ ହୋହଲ୍ଲା ଓ ହଟ୍ଟଗୋଳ ଦେଖାଯାଇଥିଲା। ଶୁକ୍ରବାର ଅଧିବେଶନ ଆରମ୍ଭ ହେବା କ୍ଷଣି ହୋହଲ୍ଲା ଚାଲିଥିବାବେଳେ ଉଭୟ ଗୃହକୁ ଆସନ୍ତା ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଶୁକ୍ରବାର ସଂସଦ ପରିସରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି କରି ବିରୋଧୀ ସାଂସଦମାନେ ସ୍ଲୋଗାନ ଦେଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଲୋକସଭାରେ ହରିଦ୍ୱାରର ପୂର୍ବତନ ସାଂସଦ ଭଗବାନଦାସ ରାଠୋରଙ୍କ ପରଲୋକରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ୍ ନିରବ ପାଳନ କରାଯାଇଥିଲା। ମାର୍ଚ୍ଚ ୯ରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହେଲେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ବିଶେଷାଧିକାର ହନନ ପ୍ରସ୍ତାବ ଆଗତ କରିପାରେ।

## ରାଷ୍ଟ୍ର ଉଦ୍ଦେଶ୍ୟରେ ସେବା ତୀର୍ଥ ଲୋକାର୍ପିତ

**ନୂଆଦିଲ୍ଲୀ, ୧୩।୨ (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେବା ତୀର୍ଥକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏଥିସହିତ ଦେଶବାସୀଙ୍କ ସେବା କରିବା ପାଇଁ ନିଜର ଅତୁଟ ସଂକଳ୍ପକୁ ଦୋହରାଇଛନ୍ତି। ଏହି ଅବସରରେ ସେ 'ନାଗରିକ ଦେବୋ ଭବନର ପବିତ୍ର ଭାବନାକୁ ଏହାର ମାର୍ଗଦର୍ଶକ ଶକ୍ତି ଭାବରେ ଆଲୋକପାତ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ସେବା ତୀର୍ଥର ଲୋକାର୍ପଣ ଜନସେବା ଏବଂ ନାଗରିକଙ୍କ କଲ୍ୟାଣ ପ୍ରତି ଏକ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ କହିଛନ୍ତି, 'ସେବା ତୀର୍ଥ' କର୍ତ୍ତବ୍ୟ, କରୁଣା ଏବଂ ପ୍ରଥମେ ଭାରତ ନୀତି ଲାଗି ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ଏବଂ ଶକ୍ତିଶାଳୀ ପ୍ରତୀକ ଭାବରେ ଠିଆ ହୋଇଛି। ଏହା ଆଗାମୀ ପିଢ଼ିକୁ ସମସ୍ତଙ୍କ କଲ୍ୟାଣ ପାଇଁ ନିଃସ୍ୱାର୍ଥପର ସେବା ଏବଂ ଅକ୍ଳାନ୍ତ ସମର୍ପଣର ପଥରେ ଚାଲିବାକୁ ପ୍ରେରଣା ଦେବ। ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଭାବରେ ଆଗକୁ ବଢ଼ିବା ନିମନ୍ତେ ଲୋକମାନଙ୍କୁ ଅନୁପ୍ରାଣିତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। "ଦେଶବାସୀଙ୍କୁ ସେବା କରିବାର ଅତୁଟ ସଂକଳ୍ପ ସହିତ ଏବଂ ନାଗରିକ ଦେବୋ ଭବର ପବିତ୍ର ଭାବନା ନେଇ ଆଜି ସେବା ତୀର୍ଥକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବାର ସୌଭାଗ୍ୟ ମିଳିଲା। 'ସେବା ତୀର୍ଥ' କର୍ତ୍ତବ୍ୟ, କରୁଣା ଏବଂ ଭାରତ ପ୍ରଥମ ନୀତି ଲାଗି ଆମ ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ଉଦାହରଣ। ଏହା ଆଗାମୀ ପିଢ଼ିକୁ ସମସ୍ତଙ୍କ କଲ୍ୟାଣ ପାଇଁ ନିଃସ୍ୱାର୍ଥପର ସେବା ଏବଂ ଅକ୍ଳାନ୍ତ ସମର୍ପଣର ପଥରେ ଚାଲିବାକୁ ପ୍ରେରଣା ଦେବ ତଥା ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଭାବରେ ଆଗକୁ ବଢ଼ିବା ନିମନ୍ତେ ଲୋକମାନଙ୍କୁ ଅନୁପ୍ରାଣିତ କରିବ ବୋଲି ମୁଁ ଆଶା କରୁଛି।"




ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଆମେ ନୂତନ ଇତିହାସ ସୃଷ୍ଟି ହେଉଥିବାର ଦେଖୁଛୁ। ପୁରୁଣା କୋଠା ଗୁଲାମୀର ପ୍ରତୀକ ଥିଲା। ଆଜି ଭାରତର ନୂତନ ଯାତ୍ରା ଆରମ୍ଭ ହୋଇଛି। ନୂଆ ଟେକନିକ୍ ପୁରୁଣା କାର୍ଯ୍ୟାଳୟରେ ଫିଟ୍ ହେଉନଥିଲା। ନୂତନ ସରକାରୀ କାର୍ଯ୍ୟାଳୟ ଖର୍ଚ୍ଚ କମ କରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଦିନ ଦେଶର ବିକାଶ ଯାତ୍ରାରେ ଏକ ନୂତନ ଆରମ୍ଭ। ଶାସ୍ତ୍ରରେ ବିଜୟା ଏକାଦଶୀର ବହୁତ ମହତ୍ତ୍ୱ ରହିଛି। ଏହି ଦିନରେ ଆମେ ଯେଉଁ ସଂକଳ୍ପ ନେଇ ଆଗକୁ ବଢ଼ିବା ତାହା ନିଶ୍ଚିତ ଭାବରେ ବିଜୟ ଆଣିବ। ଆଜି, ଆମେ ସମସ୍ତେ ଏକ ବିକଶିତ ଭାରତ ପାଇଁ ସଂକଳ୍ପ ସହିତ ସେବା ତୀର୍ଥରେ ପ୍ରବେଶ କରୁଛୁ। ଆମର ଲକ୍ଷ୍ୟ ହାସଲ କରିବା ପାଇଁ ଆମକୁ ଦିବ୍ୟ ଆଶୀର୍ବାଦ ମିଳିଛି। ସ୍ୱାଧୀନତା ପରେ, ସାଉଥ୍ ବ୍ଲକ୍ ଓ ନର୍ଥ ବ୍ଲକ୍ ଭଳି କାର୍ଯ୍ୟାଳୟରୁ ଦେଶ ପାଇଁ ଅନେକ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଏହି କୋଠାଗୁଡ଼ିକ ବ୍ରିଟିଶ ସାମ୍ରାଜ୍ୟର ପ୍ରତୀକ ଭାବରେ ନିର୍ମିତ ହୋଇଥିଲା। ଏହି କୋଠାଗୁଡ଼ିକ ନିର୍ମାଣର ଉଦ୍ଦେଶ୍ୟ ଥିଲା ଭାରତକୁ ଗୁଲାମର ଶୃଙ୍ଖଳରେ ବାନ୍ଧି ରଖିବା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ କାର୍ଯ୍ୟାଳୟ ସେବା ତୀର୍ଥର ଶୁଭ ଉଦଘାଟନ କରିଛନ୍ତି । ଗୁରୁବାର ସେବା ତୀର୍ଥର ଉଦଘାଟନ ପରେ ପ୍ରଧାନମନ୍ତ୍ରୀ କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ମହିଳା, ଯୁବ ଏବଂ ସାଧାରଣ ନାଗରିକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ପିଏମ୍ ରାହାତ ଯୋଜନା, ଲକ୍ଷପତି ଦିଦିଙ୍କ ଲକ୍ଷ୍ୟକୁ ଦ୍ୱିଗୁଣିତ କରି ୬ କୋଟି ଏବଂ କୃଷକମାନଙ୍କୁ ପ୍ରମୁଖ ପ୍ରୋତ୍ସାହନ କୃଷି ଭିତ୍ତିଭୂମି ପାଣ୍ଠିକୁ ଦୁଇ ଗୁଣ ବୃଦ୍ଧି କରି ୨ ଲକ୍ଷ କୋଟି ଟଙ୍କା ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀଙ୍କ ମୋହର ବାଜିଛି। ପିଏମ୍ ରାହାତ ଯୋଜନା ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଇଁ ଜୀବନ ରକ୍ଷାକାରୀ ସୁରକ୍ଷା । ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ ଅନୁମୋଦନ ଦେଇଛନ୍ତି । ଏହି ଯୋଜନାରେ ଦୁର୍ଘଟଣାରେ ସମ୍ମୁଖୀନ ଗୁରୁତରଙ୍କୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ଶୁଳ୍କ ବା କ୍ୟାସ୍ ଲେସ୍ ଚିକିତ୍ସା ଯୋଗାଇ ଦିଆଯିବ । ଏହି ଯୋଜନାର ମୂଳ (ୟଲକ୍ଷ୍ୟ ହେଉଛି, ତ୍ୱରିତ ଚିକିତ୍ସାର ସୁବିଧା ନ ପାଇଁ ଯେମିତି କେହି ଦୁର୍ଘଟଣା ପୀଡ଼ିତ ମୃତ୍ୟୁ ବରଣ ନ କରନ୍ତି । ଲକ୍ଷପତି ଦିଦିଙ୍କ ସଂଖ୍ୟାକୁ ଦ୍ୱିଗୁଣିତ କରି ୬ କୋଟି ଟଙ୍କା କରାଯାଇଛି । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମାର୍ଚ୍ଚ ୨୦୨୭ର ସମୟସୀମାର ଗୋଟିଏ ବର୍ଷ ପୂର୍ବରୁ ୩ କୋଟି ଲକ୍ଷପତି ଦିଦି ନିଜର ଲକ୍ଷ୍ୟ ଅତିକ୍ରମ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବେ ମାର୍ଚ୍ଚ ୨୦୨୯ ସୁଦ୍ଧା ୬ କୋଟି ଲକ୍ଷପତି ଦିଦିଙ୍କ ଏକ ନୂତନ, ବଡ଼ ଲକ୍ଷ୍ୟ ରଖିଛନ୍ତି, ଯାହା ସ୍କେଲ୍ ଏବଂ ଆକାଂକ୍ଷା ଉଭୟକୁ ଦ୍ୱିଗୁଣିତ

## ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ପରଲୋକ

**ଭୁବନେଶ୍ୱର, ୧୩।୨ (ମହାଭାରତ):** ପୂର୍ବତନ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ପରଲୋକ ହୋଇଛି। ଆଜି ସକାଳ ୯ଟା ୪୫ ମିନିଟ୍ ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଇହଲୀଳା ସମ୍ବରଣ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା।



ପୂର୍ବତନ ବରିଷ୍ଠ କଂଗ୍ରେସ ନେତା କାହ୍ନୁଚରଣ ଲେଙ୍କା ୧୯୯୫ ରୁ ୨୦୦୦ ମସିହା ଯାଏଁ କଟକ ଜିଲ୍ଲା ଚୌଦ୍ୱାର ଆସନରୁ ବିଧାୟକ ଥିଲେ । ପରେ ଓଡ଼ିଶା ସରକାରଙ୍କ ଶିଳ୍ପ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୮୮ ମସିହାରେ ସେ ରାଜ୍ୟସଭାକୁ ଯାଇଥିଲେ । ୧୯୮୮-୯୪ ମସିହା ଯାଏଁ ସେ ରାଜ୍ୟସଭା ସାଂସଦ ଥିଲେ । ପି. ଭି. ନରସିଂହ ରାଓଙ୍କ ସରକାରରେ ରେଳ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ସେ କଂଗ୍ରେସର ଜଣେ ଆଜୀବନ ସଦସ୍ୟ ଥିଲେ । ଦୀର୍ଘ ୫୫ରୁ ଉର୍ଦ୍ଧ୍ୱ ସମୟ ଧରି ସେ କଂଗ୍ରେସ ସହିତ ଜଡ଼ିତ ଥିଲେ । ସେ ରାଜ୍ୟ କଂଗ୍ରେସ ସଭାପତି ହୋଇଥିଲେ । ତାଙ୍କ ଦେହାନ୍ତରେ ଓଡ଼ିଶା ରାଜନୀତିରେ ଏକ ଯୁଗର ଅନ୍ତ ହୋଇଛି । କାହ୍ନୁଚରଣଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ଡ. ହରିବାବୁ କମ୍ଭମପତି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଯେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ଅତ୍ୟନ୍ତ ଦୁଃଖିତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହିତ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ବାଂଲାଦେଶରେ ତାରିକ୍ ସରକାର

**ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି):** ବାଂଲାଦେଶର ସାଧାରଣ ନିର୍ବାଚନରେ ତାରିକ ରହମନଙ୍କ ଦଳ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ଐତିହାସିକ ବିଜୟ ହାସଲ କରିଛି। ଐତିହାସିକ ବିଜୟ ସହ ଦୀର୍ଘ ୨୦ ବର୍ଷ ପରେ ବିଏନପି ବାଂଲାଦେଶରେ ସରକାର ଗଠନ କରିବାକୁ ଯାଉଛି। ସେହିପରି ୨୦୦୮ରୁ ୨୦୨୫ ଯାଏ ଲଣ୍ଡନରେ ନିର୍ବାସନ ଦଣ୍ଡ ଭୋଗିଥିବା ତାରିକ ରହମନ ବାଂଲାଦେଶର ପ୍ରଧାନମନ୍ତ୍ରୀ ମଧ୍ୟ ହେବେ। ବିଏନପି ଓ ସାଥୀ ଦଳ ବାଂଲାଦେଶର ୩୦୦ ଲୋକସଭା ଆସନରୁ ୨୧୨ ଟିରେ ଜିତିଛି। ବାଂଲାଦେଶରେ ସରକାର ଗଠନ ପାଇଁ ୧୫୧ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଜମାତ୍-ଇ-ଇସଲାମି ଓ ସାଥୀ ଦଳ ୭୭ଆସନ ଅକ୍ତିଆର କରିଛନ୍ତି। ତାରିଖ୍ ରହମାନଙ୍କ ନେତୃତ୍ୱରେ ବିଏନପି ଶେଷଥର ପାଇଁ ୨୦୦୧ରେ ନିର୍ବାଚନ ଜିତିଥିଲା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଐତିହାସିକ ବିଜୟ ପାଇଁ ବିଏନପିକୁ ଶୁଭେଚ୍ଛା ଜଣାଇଛନ୍ତି। କୂଟନୀତିକ ତିକ୍ତତା ସତ୍ତ୍ୱେ ଭାରତ ପୂର୍ବଭଳି ଗୋଟିଏ ଗଣତାନ୍ତ୍ରିକ ବାଂଲାଦେଶକୁ ସମର୍ଥନ କରିବା ଜାରି ରଖିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିଏନପିକୁ ବିଜୟ ଟିକା ପିନ୍ଧାଇଥିବା ତାରିକଙ୍କୁ ଆବେଗ ଭରା ଶୁଭେଚ୍ଛା ଜଣାଇଛନ୍ତି ମୋଦି। ସେ କହିଛନ୍ତି, "ବାଂଲାଦେଶର ସଂସଦୀୟ ନିର୍ବାଚନରେ ବିଏନପିକୁ ନିର୍ଣ୍ଣାୟକ ଜିତ ଦେଇଥିବା ତାରକ ରହମନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।ତାରିକ୍ ରହମାନଙ୍କ ଏହି "ଐତିହାସିକ ବିଜୟ" ପାଇଁ ଆମେରିକା ଶୁଭେଚ୍ଛା ଜଣାଇଛି।

## ମୁଖ୍ୟ ସଚିବଙ୍କ ପାରାଦ୍ୱୀପରେ ଶିଳ୍ପ ଓ ଭିତ୍ତିଭୂମି ପ୍ରକଳ୍ପର ପ୍ରଗତି ସମୀକ୍ଷା

**ପାରାଦୀପ/ଭୁବନେଶ୍ୱର, ୧୩।୨ (ମହାଭାରତ):** ମୁଖ୍ୟ ଶାସନ ସଚିବ,ଓଡ଼ିଶା ଶ୍ରୀମତୀ ଅନୁ ଗର୍ଗ, ଆଜି ପାରାଦ୍ୱୀପ ବନ୍ଦର ପରିଦର୍ଶନ କରି ବନ୍ଦର କର୍ତ୍ତୃପକ୍ଷ ଓ ଅଧିକାରୀମାନଙ୍କ ସହିତ ବନ୍ଦରର କାର୍ଯ୍ୟ ଏବଂ ଦୀର୍ଘକାଳୀନ ସଂପ୍ରସାରଣ ଯୋଜନା ଅନୁଧ୍ୟାନ କରିଥିଲେ। ମୁଖ୍ୟ ଶାସନ ସଚିବ ଗତକାଲି ପାରାଦ୍ୱୀପ ଠାରେ ପହଞ୍ଚି ଆଜି ପୂର୍ବାହ୍ନରୁ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଶ୍ରୀମତୀ ଗର୍ଗ ପ୍ରଥମେ ପାରାଦ୍ୱୀପର ପ୍ରସ୍ତାବିତ ବ୍ଲୁ ଫ୍ଲାଗ ବିଚ୍ ରେ ପହଞ୍ଚି ଜିଲ୍ଲାପାଳଙ୍କ ସହ ତାହାର କାର୍ଯ୍ୟକାରିତା ଓ ସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

ପରିଦର୍ଶନ ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବଙ୍କୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଅଧ୍ୟକ୍ଷ, ପି.ଏଲ୍ ହରାନାଧ, ବନ୍ଦରର ୱେଟ୍ ବେସିନ ଠାରେ ସ୍ୱାଗତ କରିଥିଲେ ଏବଂ ସିଆଇଏସଏଫ୍ ୟୁନିଟ୍ ଦ୍ୱାରା ତାଙ୍କୁ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ପ୍ରସ୍ତୁତ ରହିଥିବା ବର୍ଥ , ଜାହାଜ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା ଏବଂ ସାମୁଦ୍ରିକ କାର୍ଯ୍ୟ ନିରୀକ୍ଷଣ ପାଇଁ ଏକ ଲଞ୍ଚ ଯାତ୍ରା ମଧ୍ୟ କରିଥିଲେ । ପାରାଦ୍ୱୀପ ବନ୍ଦର ୨୦୨୪-୨୫ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ୧୫୦.୪୧ ମିଲିୟନ ମେଟ୍ରିକ୍ ଟନ କାର୍ଗୋ(ମାଲ) ପରିବହନ କରିଛି, ଯାହା ଭାରତର ଏକ ନମ୍ବର ମୁଖ୍ୟ ବନ୍ଦର ଭାବେ ମାନ୍ୟତା ପ୍ରାପ୍ତ । ୨୮୯ ଏମପିଟିଏ ମୂଲ୍ୟାଙ୍କିତ କ୍ଷମତା, ଶିଳ୍ପରେ ଅଗ୍ରଣୀ ଉତ୍ପାଦକତା, ଏବଂ ପ୍ରାୟ ୧୮୬୦ କୋଟିର ନେଟ୍ ଅତିରିକ୍ତ ଲାଭ ସହିତ, ପାରାଦୀପ ବନ୍ଦର ଜାତୀୟ ମାନଦଣ୍ଡ ସ୍ଥାପିତ କରିବା ଜାରି ରଖିଛି ଓ ଦେଶର ପ୍ରମୁଖ ଅନ୍ୟ ବନ୍ଦରମାନଙ୍କ ମଧ୍ୟରୁ ସବୁଠାରୁ କମ୍ ଜହାଜ ଏବଂ କାର୍ଗୋ ଶୁଳ୍କ ରଖୁଛି।

ଆଲୋଚନା ସମୟରେ, ମୁଖ୍ୟ ସଚିବ ଓଡିଶାର ଉଚ୍ଚାକାଂକ୍ଷୀ ଆର୍ଥିକ ବିକାଶ ଲକ୍ଷ୍ୟ ସଂପର୍କରେ ଉଲ୍ଲେଖ କରି ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଡଲାର୍ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ୍ ଡଲାର୍ ଲକ୍ଷ୍ୟ ରହିଥିବା ପ୍ରକାଶ କରିଥିଲେ । ସେ ଦ୍ୱିତୀୟ-ଅଙ୍କ ବିଶିଷ୍ଟ ଅଭିବୃଦ୍ଧିର ହାରର ଆବଶ୍ୟକତା ପ୍ରତି ଗୁରୁତ୍ୱ ଦେଇ ରପ୍ତାନୀ, ଜାହାଜ ନିର୍ମାଣ ଏବଂ ବନ୍ଦର-ଭିତ୍ତିକ ବିକାଶ ଦ୍ୱାରା ଏହା ସମ୍ଭବ ହୋଇପାରିବ ବୋଲି ପ୍ରକାଶ କରିବା ସହ ଓଡିଶାର ଦୀର୍ଘ ସମୁଦ୍ର ଉପକୂଳରେଖାକୁ ରଣନୀତିଗତ ସୁଯୋଗ ନେବାକୁ କହିଥିଲେ । ପାରାଦ୍ୱୀପ ବନ୍ଦରକୁ ବିଶ୍ୱରେ ଓଡ଼ିଶା ଅର୍ଥନୀତିର ମୁଖଶାଳା କରି ଗଢ଼ିବା ପାଇଁ ସେ ପରାମର୍ଶ ଦେଇଥିଲେ । ସେ 'ପାରାଦୀପ ବନ୍ଦର ୨.୦' ଦୃଷ୍ଟିକୋଣର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ, ଯେଉଁଥିରେ ୫୦୦ ଏମଟିପିଏରୁ ଅଧିକ କ୍ଷମତା ବିସ୍ତାର, ୱେଷ୍ଟର୍ଣ୍ଣ ଡକକୁ ଗଭୀର କରାଯିବା ଏବଂ ଏକ ଉତ୍ସର୍ଗୀକୃତ ସବୁଜ ହାଇଡ୍ରୋଜେନ ବର୍ଥର ବିକାଶ ଅନ୍ତର୍ଭୁକ୍ତ ରହିଛି । ଗଞ୍ଜାମ ଜିଲ୍ଲାର ପ୍ରସ୍ତାବିତ ୧୫୦ ଏମଟିପିଏ ବାହୁଦା ବନ୍ଦର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ମହାନଦୀର ଉତ୍ତରରେ ୧.୨ ନିୟୁତ ଜିଟି କ୍ଷମତା ବିଶିଷ୍ଟ ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି କ୍ଲଷ୍ଟର ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଓଡ଼ିଶା ସରକାର ଏବଂ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ମଧ୍ୟରେ ଏକ ସ୍ୱଶାଳ ପର୍ପୋଜ୍ ଭେଇକିଲ୍ ମାଧ୍ୟମରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ସାମୁଦ୍ରିକ ଅର୍ଥନୀତିକୁ ଯଥେଷ୍ଟ ମଜବୁତ କରିବ ବୋଲି ଆଶା କରାଯାଉଛି । ପୁରୀଠାରେ ଏକ କ୍ରୁଜ ଟର୍ମିନାଲର ବିକାଶ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ଏବଂ କାର୍ଯ୍ୟକାରିତାରେ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।



ପାରାଦ୍ୱୀପକୁ ଓଡ଼ିଶାର ଶିଳ୍ପ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବାପାଇଁ ସେ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକାରୀ ହେଉଥିବା ଏବଂ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦ୍ୱୀପ ପେଟ୍ରୋ କେମିକାଲ ପ୍ରକଳ୍ପ ବିଷୟ ରେ ଆଲୋଚନା କରିଥିଲେ । ବିଶେଷ କରି ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଇକୋନୋମିକ ରିଜନ ଉପରେ ଆଲୋକପାତ କରି ଶିଳ୍ପ ଅନୁଷ୍ଠାନ ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ ।

ଓଡ଼ିଶାର ଦୃଢ଼ ଆର୍ଥିକ ସ୍ଥିତି ଓ ଉଚ୍ଚ ପୁଞ୍ଜି ବ୍ୟୟ ବ୍ୟବସ୍ଥାକୁ ଉଲ୍ଲେଖ କରି, ସେ ଖଣିଜ ଉତ୍ତୋଳନରେ ସୀମିତ ନରହି ଜାହାଜ ନିର୍ମାଣ, ପୁନଃ ନବୀକରଣ ଶକ୍ତି, ବିରଳ ଧାତୁ ପ୍ରକ୍ରିୟାକରଣ, ଅନ୍ତରୀକ୍ଷ ଉଦ୍ୟୋଗ, ପୋଷାକ, ପର୍ଯ୍ୟଟନ ଓ କ୍ରୁଜ୍ ବିକାଶରେ ବିବିଧିକରଣ ପାଇଁ ଆହ୍ୱାନ ଦେଇଥିଲେ, ଯାହା ଦୀର୍ଘକାଳୀନ ଓ ନିରନ୍ତର ବିକାଶକୁ ସୁନିଶ୍ଚିତ କରିପାରିବ । ମୁଖ୍ୟ ଶାସନ ସଚିବଙ୍କ ଏହି ପରିଦର୍ଶନ ପାରାଦୀପକୁ ଏକ ବିଶ୍ୱସ୍ତରୀୟ ସମକକ୍ଷ ସାମୁଦ୍ରିକ ପ୍ରବେଶ ଦ୍ୱାର ଏବଂ ଓଡ଼ିଶାର ଆର୍ଥିକ ଏବଂ ସମୁଦ୍ରିକ ଅଭିବୃଦ୍ଧିର ମୁଖ୍ୟ ଚାଳକ ଭାବରେ ପରିଣତ କରିବାରେ ସହଯୋଗୀ ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରୁଛି ।

ମୁଖ୍ୟ ସଚିବ, ଶ୍ରୀମତୀ ଗର୍ଗ ଇଫକୋ, ପାରାଦ୍ୱୀପ ଠାରେ ପ୍ରମୁଖ ଶିଳ୍ପ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ପ୍ରଗତି ସମୀକ୍ଷା କରିଥିଲେ ଏବଂ ପିପିଏଲ୍ ପାରାଦୀପ, ଜେଏସଡବ୍ଲ୍ୟୁ, ଉତ୍କଳ ଷ୍ଟିଲ୍ ଲିମିଟେଡ୍, ଏଏମଏନଏସ୍ ସହ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାମାନଙ୍କର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ସେ ସଡ଼କ ସଂଯୋଗ, ଟାଉନସିପ୍ ବିକାଶ, ହସ୍ପିଟାଲ୍ ଭିତ୍ତିଭୂମି, ପ୍ରସ୍ତାବିତ ବହୁ ସ୍ୱସାଳିଟି ହସ୍ପିଟାଲ୍ ଓ ପାରାଦୀପରେ ପ୍ରସ୍ତାବିତ ବିମାନବନ୍ଦର ସମ୍ପର୍କିତ ପ୍ରଗତିକୁ ସମୀକ୍ଷା କରି ଶିଳ୍ପ ସମ୍ପର୍କିତ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ପରେ ସମ୍ମିଳନୀ କକ୍ଷରେ ପାରାଦ୍ୱୀପ ବନ୍ଦର ୨.୦ ଭିଜନ୍, ଗ୍ରୀନ ହାଇଡ୍ରୋଜେନ୍ ହବ, ପ୍ଲାଷ୍ଟିକ ପାର୍କ, ପର୍ଯ୍ୟଟନ ବିକାଶ, କ୍ରୁଜ ଉନ୍ନୟନ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରି ଶିଳ୍ପ ଅଭିବୃଦ୍ଧି ସହିତ ପାରାଦୀପର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଫଳ ପଲାଉ

ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିମ୍ବ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଢା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିମ୍ବ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଳାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଢା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ।



### ଖବର

## ରିଲିଜ୍ ହେଲା 'ଓ ରୋମିଓ' ଫିଲ୍ମ,



ବିଶାଳ ଭରଦ୍ୱାଜର ବହୁ ପ୍ରତିକ୍ଷୀତ ଫିଲ୍ମ 'ଓ ରୋମିଓ' ଆଜି ରିଲିଜ୍ ହୋଇଛି । ଯେଉଁଥିରେ ଶାହିଦ କପୁର, ତୃପ୍ତି ଡିମରି, ଅଭିନାଶ ତିୱାରୀ, ନାନା ପାଟେକର, ଫରିଦା ଜଲାଲ, ଦିଶା ପଟାନି ଏବଂ ତମନ୍ନା ଭାଟିଆଙ୍କୁ ପ୍ରମୁଖ ଭୂମିକାରେ ଅଭିନୟ କରୁଥିବା ନଜର ଆସିଛନ୍ତି । ଏମାନଙ୍କ ସମେତ ନ୍ୟାସନାଲ ଆୱାର୍ଡ ବିଜେତା ବିକ୍ରାନ୍ତ ମାସେ ମଧ୍ୟ ଏଥିରେ ଏକ ସ୍ୱତନ୍ତ୍ର ଚରିତ୍ରରେ ନଜର ଆସିବେ ।ଏହି ଫିଲ୍ମରେ ଶହିଦ କପୁର ଉସ୍ତା ଭୂମିକାରେ ନଜର ଆସିଛନ୍ତି । ଜଣେ ଖତରନାକ ଗ୍ୟାଙ୍ଗଷ୍ଟାର ଭାବେ ଏହି ଚରିତ୍ରରେ ସେ ଅଭିନୟ କରୁଥିବା ଦେଖିବାକୁ ପାଇବେ ଦର୍ଶକ । ଏଥିସହ ନାନା ପାଟେକର ଖାନ ସାବ ଭୂମିକାରେ ଅଭିନୟ କରିଛନ୍ତି । ଯିଏକି କେବଳ ଗ୍ୟାଙ୍ଗଷ୍ଟାରଙ୍କୁ ଆୟତ କରିପାରିବେ । ଖାନ୍ ସାହେବ ଆଇବି ପୋଲିସ ଯିଏ ଅପରାଧ ହଟାଇବା ପାଇଁ କ୍ଷୁର ଧାର ବ୍ୟବହାର କରନ୍ତି । ଏହାରି ମଧ୍ୟରେ ଉସ୍ତାଙ୍କ ଜୀବନରେ ଅଫଶାଂ(ତୃପ୍ତି ଡିମରି) ପ୍ରବେଶ କରିଛନ୍ତି । ଅଫଶାନ ଉସ୍ତାଙ୍କ ସାଥୀରେ ଥିବା ଜଣେ ଭୟଙ୍କର ଗ୍ୟାଙ୍ଗଷ୍ଟର ଜଲାଲ (ଅବିନାଶ ତିୱାରୀ) ଏବଂ ତାଙ୍କର ତିନି ସହଯୋଗୀଙ୍କୁ ଏକ ସୁପାରି ଦେବାକୁ ଆସିଛି । ଯାହା ଅଫଶାନର ଚୁକ୍ତିନାମା ହତ୍ୟା ପଛରେ ପ୍ରତିଶୋଧ ନେବାର ଉଦ୍ଦେଶ୍ୟ । ଯାହା ଖୁବ୍ ଆକର୍ଷଣୀୟ ରହିବ ବୋଲି ଅନୁମାନ କରାଯାଉଛି । ଅନେକ ଲୋକଙ୍କ ପ୍ରତିକ୍ରିୟା ମଧ୍ୟ ସାମ୍ନାକୁ ଆସିଛି ।

## ପାଦ ଚିହ୍ନ

ଭଗବାନ ଅତ୍ୟନ୍ତ ମନଯୋଗ ସହକାରେ ସୃଷ୍ଟି ନିର୍ମାଣ କଲେ। ସେ ମାନବକୁ ଏହି ମନୋହର ଦୁନିଆ ଦେଖାଇ ସେଠାରେ ଯାଇ ରହିବାକୁ କହିଲେ। ଭାଗବାନଙ୍କ ନିକଟରେ ଛିଡ଼ା ହୋଇଥିବା ମଣିଷ ଆଖି ପୂରାଇ ଦୁନିଆକୁ ଦେଖିଲା, କିନ୍ତୁ ତା' ମନରେ ଏକ ଆଶଙ୍କା ଉତ୍ପନ୍ନ ହେଲା। ତେଣୁ ସେ ସହମତ ହେବା ପୂର୍ବରୁ ସ୍ଥିତି ସ୍ପଷ୍ଟ କରିନେବାକୁ ଚାହିଁଲା।

ସେ ଭଗବାନଙ୍କୁ ପଚାରିଲା- ସେଠାକୁ କ'ଣ ମୋତେ ଏକୁଟିଆ ଯିବାକୁ ପଡ଼ିବ ? ଭଗବାନ କହିଲେ, ନା ତୁମ ସହିତ ଏକ ସମାଜ ଥିବ। ମଣିଷ କହିଲା, ମୁଁ ସେକଥା କହୁନାହିଁ। ଆପଣ ଥିବେ ନା ନାହିଁ ? ଭଗବାନ କହିଲେ, ମୁଁ ଏଇଠି ଅଛି। ମୁଁ କାହିଁକି ଯିବି ? ମଣିଷ କହିଲା, ନା ନା ! ଆପଣଙ୍କୁ ଯିବାକୁ ହେବ। ନହେଲେ ମୁଁ ସେଠାକୁ ଯିବି ନାହିଁ, ଯେତେ ସୁନ୍ଦର ଦୁନିଆ ହେଉ ପଛେ। ଭଗବାନ କହିଲେ, ଠିକ ଅଛି ତା'ହେଲେ ମୋର ଗୋଟିଏ ସର୍ତ୍ତ ଅଛି। ମୁଁ ତୁମ ସହିତ ରହିବି, କିନ୍ତୁ ଦେଖାଦେବି ନାହିଁ। ମଣିଷ ପଚାରିଲା- ତା'ହେଲେ ମୁଁ ଜାଣିବି କେମିତି ତୁମେ ଅଛ ବୋଲି ? ତୁମେ ମଝିରେ ମଝିରେ ପଛକୁ ବୁଲି ଚାହିଁବ । ତୁମକୁ ମୋର ପାଦ ଚିହ୍ନ ଦେଖାଯିବ। ତୁମେ ଚାରିଟି ପାଦ ଚିହ୍ନ ଦେଖିପାରିବ। ଦୁଇଟି ତୁମର ଏବଂ ଦୁଇଟି ମୋର। ଭଗବାନଙ୍କ ଏହି କଥା ଶୁଣି ଲୋକଟି ଆଶ୍ୱସ୍ତ ହେଲା। ସେ ଦୁନିଆରେ ରହିବାକୁ ଆସିଲା। ସବୁବେଳେ ଦୁନିଆର କାର୍ଯ୍ୟରେ ସେ ଏତେ ବ୍ୟସ୍ତ ହୋଇଗଲା ଯେ ପାଦ ଚିହ୍ନ ଦେଖିବା ଲାଗି ଫୁରସତ ପାଇଲା ନାହିଁ। ଦୁନିଆର ସୁଖ ଗୋଟାଇବାର ନିଶା ମଧ୍ୟ ତା'କୁ ଜଞ୍ଜାଳ ଭିତରେ ପକାଇ ଦେଲା। ହେଲେ ଏହା ଭିତରେ ସେ ବିପତ୍ତିରେ ପଡ଼ିଗଲା। ଭଗବାନଙ୍କ କଥା ମନେପଡ଼ିବାରୁ ସେ ପଛକୁ ବୁଲିଚାହିଁଲା, ସେ ଦେଖିଲା ଯେ କେବଳ ଦୁଇଟି ପାଦ ଚିହ୍ନ ଅଛି। ହେ ଭଗବାନ ! ଆପଣ କେଉଁଠି ଅଛନ୍ତି ? ମୋତେ କାହିଁକି ଛାଡ଼ିଦେଲେ ? ଏହା କହି ସେ ମୂର୍ଚ୍ଛିତ ହୋଇଗଲା। ହୋସ ଆସିବାରୁ ସେ ଭଗବାନଙ୍କୁ ଅନୁଭବ କରିପାରିଲା। ସେ ଭଗବାନଙ୍କୁ ପଚାରିଲା, ଆପଣ କୁଆଡ଼େ ଚାଲିଯାଇଥିଲେ ? ଦେଖନ୍ତୁ ! ମୋତେ କିଛି କୁହନ୍ତୁ ନାହିଁ। ମୁଁ ବେହୋସ ହେବା ପୂର୍ବରୁ ଆପଣଙ୍କୁ ଦେଖିପାରିନଥିଲି। ପଛକୁ ବୁଲି ଦେଖିବାରୁ କେବଳ ଦୁଇଟି ପାଦ ଚିହ୍ନ ହିଁ ଦେଖିପାରିଲି। ଭଗବାନ କହିଲେ, ହଁ ! ତୁମେ ନିଶ୍ଚିତ ଭାବେ ଦୁଇଟି ପାଦ ଚିହ୍ନ ଦେଖିଥିବ। କାରଣ ତୁମେ ସେତେବେଳେ ମୋ କୋଳରେ ଥିଲ। ତୁମେ ପଡ଼ିଯିବା ପୂର୍ବରୁ ମୁଁ ତୁମକୁ ଉଠାଇ ନେଇଥିଲି।

## ଅବିନାଶୀ ଆତ୍ମା



ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକାଃ ଶରୀରିଣଃ। ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ।" ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ। ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର। ଆତ୍ମା ହିଁ ଅମୃତ ଅଟେ। ଆତ୍ମା ହିଁ ଅବିନାଶୀ ଅଟେ। ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ। ତେଣୁ ଆତ୍ମା ହିଁ ସତ୍ ଅଟେ। କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି ହେଲେ ଅସ୍ତିତ୍ୱ ନାହିଁ। ତେଣୁ ତୁମେ ଯୁଦ୍ଧ ହିଁ କର। ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା'ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି। ପାଣ୍ଡବ ପକ୍ଷରେ ମଧ୍ୟ ଶରୀର ଅଛନ୍ତି। ପାଣ୍ଡବଙ୍କ ଶରୀର କ'ଣ ଅବିନାଶୀ ? ଯଦି ଶରୀର ଅବିନାଶୀ, ତା'ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ ? ଅର୍ଜୁନ କ'ଣ ଅନ୍ୟକୌଣସି ଶରୀରଧାରୀ ଥିଲେ ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ'ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ ? ତା'ହେଲେ ଶ୍ରୀକୃଷ୍ଣଙ୍କର କ'ଣ ଜ୍ଞାନ ନଥିଲା ? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି। ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ। ତେଣୁ ଅର୍ଜୁନ କ'ଣ ଥିଲେ ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ। ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା'ନ୍ତି। ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ' ବାହ୍ୟ ଆବରଣ। ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ। ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ୍ୟ ହୋଇଥାଏ। ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ।

## ଚିନ୍ତାମଣି ବିନାୟକ



ରାଜା ଅଭିଷେକ ଏବଂ ତାଙ୍କ ରାଣୀ ଗୁଣବତୀଙ୍କର କେହି ସନ୍ତାନ ନଥିଲେ । ଏହି କାରଣରୁ ରାଜା ଓ ରାଣୀ ଦୁଃଖରେ ଥିଲେ । ଥରେ ସେମାନେ ଜଣେ ଋଷିଙ୍କୁ ଦେଖା କରି ନିଜର ସମସ୍ୟା ଜଣାଇଲେ । ଋଷିଙ୍କ ନିର୍ଦ୍ଦେଶ ମୁତାବକ ପୂଜା କରିବାରୁ ରାଜା ଓ ରାଣୀଙ୍କର ଏକ ସୁନ୍ଦର ପୁତ୍ର ଜାତ ହେଲା। ପୁତ୍ରର ନାଁ ରଖାଗଲା ଗଣ । ଗଣ ବଡ଼ ହୋଇ ଭଗବାନ ଶିବଙ୍କୁ ତପସ୍ୟା କଲା । ମହାଦେବ ତା'ର ତପସ୍ୟାରେ ସନ୍ତୁଷ୍ଟ ହୋଇ ତା'କୁ ବରଦାନ ଦେଲେ । ମହାଦେବଙ୍କ ଠାରୁ ଶକ୍ତିଶାଳୀ ହେବାର ବରଦାନ ପାଇଁ ଗଣ ଅତ୍ୟାଚାରୀ ହୋଇଉଠିଲା । ଦିନେ ଗଣ ନିଜ ସୈନ୍ୟଙ୍କ ସହ ଶିକାରରେ ବାହାରିଲା । ବହୁ ସମୟ ଧରି ବୁଲିବା ପରେ ମଧ୍ୟ ତା' ଭାଗ୍ୟରେ ଶିକାରଟିଏ ଜୁଟିଲା ନାହିଁ । ଗଣ ଓ ତା'ର ସୈନ୍ୟମାନେ ଜଙ୍ଗଲରେ ବୁଲୁ ବୁଲୁ କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ । ମୁନି ସେମାନଙ୍କୁ ଖାଇବା ପାଇଁ ଆମନ୍ତ୍ରଣ କଲେ । ମୁନିଙ୍କ ନିକଟରେ ଇନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ଚିନ୍ତାମଣି ଥିଲା । ସେହି ଚିନ୍ତାମଣିକୁ ମୁନି ଖାଦ୍ୟ ମାଗି ରାଜକୁମାର ଗଣ ଓ ତା'ର ସୈନ୍ୟମାନଙ୍କୁ ପରଷି ଦେଲେ । ସ୍ୱାର୍ଥପର ଗଣ ମୁନିଙ୍କୁ ସେହି ମଣି ମାଗିଲା । କପିଳ ମୁନି ତା'କୁ ଚିନ୍ତାମଣି ଦେବାକୁ ମନା କରିଦେଲେ । ମାତ୍ର ଗଣ ବଳପୂର୍ବକ ମୁନିଙ୍କ ଠାରୁ ମଣିଟିକୁ ଛଡ଼ାଇ ନେଲା । ନିରାଶ ହୋଇ ମୁନି କପିଳ ଭଗବାନ ଗଣେଶଙ୍କୁ ଡାକିଲେ । ଗଣେଶ ପ୍ରକଟ ହୋଇ କପିଳ ମୁନିଙ୍କୁ ଚିନ୍ତାମଣି ଫେରାଇ ଆଣିବା ଲାଗି ପ୍ରତିଶ୍ରୁତି ଦେଲେ । ଏହାପରେ ଗଣକୁ ସ୍ୱପ୍ନାଦେଶ ହେଲା । ଚିନ୍ତାମଣି ଫେରାଇ ଦେବାକୁ ଗଣେଶ ତା'କୁ ସ୍ୱପ୍ନରେ କହିଲେ । ମାତ୍ର ସ୍ୱପ୍ନାଦେଶକୁ ଖାତିର କଲା ନାହିଁ ଗଣ । ସେ ଗଣେଶଙ୍କ ସହ ଯୁଦ୍ଧ କରିବାକୁ ବାହରିଲା । ଘମାଘୋଟ ଯୁଦ୍ଧ ହେଲା । ଶେଷରେ ଗଣେଶଙ୍କ ହାତରେ ଗଣର ପ୍ରାଣଗଲା । ସେଥିପାଇଁ ଗଣେଶଙ୍କୁ ଗଣନାୟକ କୁହାଯାଇଥାଏ । ଗଣେଶ ଚିନ୍ତାମଣି ଆଣି କପିଳମୁନିଙ୍କୁ ଦେଲେ । ମାତ୍ର ମୁନି କହିଲେ, ଏହି ମଣି ସର୍ବଦା ମୋ ପାଇଁ ଚିନ୍ତାର କାରଣ ପାଲଟିଛି । ଏଣୁ ଆପଣ ଏହାକୁ ନିଜ ପାଖରେ ରଖନ୍ତୁ । ଗଣେଶ ଚିନ୍ତାମଣି ନିଜ ପାଖରେ ରଖିଲେ । ଏହି ଘଟଣା ପରେ କପିଳ ମୁନି ଗଣେଶଙ୍କ ଏକ ମନ୍ଦିର ପ୍ରତିଷ୍ଠା କଲେ । ସେହି ମନ୍ଦିର ଚିନ୍ତାମଣି ବିନାୟକ ମନ୍ଦିର ଭାବେ ପ୍ରସିଦ୍ଧ ହେଲା । ଯାହା ଏବେ ମହାରାଷ୍ଟ୍ରର ପୁନେ ସହର ନିକଟରେ ଥିବା ଅଷ୍ଟ ବିନାୟକ ମନ୍ଦିର ମଧ୍ୟରୁ ଅନ୍ୟତମ ।

## ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା'ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା'ନ୍ତି। ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ୍ୟ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା'କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା'ନ୍ତି ।

ନଗରନକ୍ସା
ମହାନଗରର ନିଜ ଭାଷା



# ବାଚସ୍ପତିଙ୍କ ଭୂମିକା ସମ୍ପର୍କିତ କମିଟି ସମ୍ମିଳନୀ

**ଭୁବନେଶ୍ୱର,୧୩।୨ (ମହାଭାରତ):** ମହାରାଷ୍ଟ୍ର ବିଧାନସଭାଠାରେ ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ପ୍ରବର୍ତ୍ତିତ ଧାରା ଅନୁରୂପ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ଦୁଇଦିନିଆ ବାଚସ୍ପତି କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ନରୱେକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ବ୍ୟାଖ୍ୟା କରିବା ସହ ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର ଏହାର ପ୍ରଭାବ ଓ ଭବିଷ୍ୟତ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଅବସରରେ ଯୋଗଦେଇ ଓଡ଼ିଶାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଲେ ଯେ ଦଶମ ଅନୁସୂଚୀ ଯାହାକି ଦଳବଦଳ ନିରୋଧ ଆଇନ ଭାବେ ପରିଗଣିତ। ଏହା ୧୯୮୫ ମସିହାରେ ଆମ ସମ୍ବିଧାନର ୫୨ତମ ସଂଶୋଧନରେ ଲାଗୁ କରାଯାଇଛି। ଏହାଦ୍ୱାରା 'ଆୟା ରାମ, ଗୟା ରାମ' ଭଳି ଏକ ଖରାପ ପରମ୍ପରାକୁ ପ୍ରତିହତ କରାଯାଉଛି। ଏହା ଦ୍ୱାରା ନିର୍ଦ୍ଦିଷ୍ଟ ଦଳ ମଧ୍ୟରେ ଘଟୁଥିବା ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ କ୍ଷେତ୍ରରେ ବହୁମାତ୍ରାରେ ଅଙ୍କୁଶ ଲାଗିପାରୁଛି। ପୂର୍ବରୁ ବିଧାୟକମାନେ ନିଜର ବ୍ୟକ୍ତିଗତ ଲାଭ ପାଇଁ ସମସ୍ତ ନୀତି ଓ ନୈତିକତା ତଥା ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ କୁଠାରାଘାତ କରିଥାଆନ୍ତି। କିନ୍ତୁ ସମ୍ବିଧାନ ସଂଶୋଧନ ଫଳରେ ଏସବୁ କ୍ଷେତ୍ରରେ ଏକ ଲକ୍ଷ୍ମଣରେଖା ରହିପାରୁଛି।

ଦଶମ ଅନୁସୂଚୀ ଅନୁଯାୟୀ ଦଳ ବଦଳକାରୀ ତଥା ଦଳଡିଆଁ ବିଧାୟକ ଓ ସାଂସଦମାନଙ୍କୁ ନିର୍ଦ୍ଦିଷ୍ଟ ଦଳରୁ ନିଲମ୍ବନ କରିବା ସହ ସଭ୍ୟପଦ ରଦ୍ଦ କରାଯାଇ ପାରୁଛି। ପରବର୍ତ୍ତୀ ସମୟରେ ୨୦୦୩ ମସିହାରେ ୯୧ତମ ସମ୍ବିଧାନ ସଂଶୋଧନରେ ଏହି ବ୍ୟବସ୍ଥାକୁ ଆହୁରି କଠୋର ଓ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଏ କ୍ଷେତ୍ରରେ ୨୦୨୩ ମସିହାର ଆମର ସର୍ବୋଚ୍ଚ ନ୍ୟାୟାଳୟ ଦଳବଦଳ କ୍ଷେତ୍ରରେ ବାଚସ୍ପତିଙ୍କୁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ଦଳୀୟ ସମ୍ବିଧାନ ଅନୁଯାୟୀ ନିର୍ଦ୍ଦିଷ୍ଟ ଦଳରେ କେଉଁ ବିଭାଜିତ ଗୋଷ୍ଠୀ ସେହି ପ୍ରକୃତ ରାଜନୈତିକ ଗୋଷ୍ଠୀର ନା ନୁହେଁ, କେବଳ ବିଧାନସଭା ଗୃହରେ ବହୁମତଧାରୀ ସଦସ୍ୟ ଭାବେ ପ୍ରକୃତରେ ମୂଳ ଦଳ ନା ନୁହେଁ। ଏ ସମ୍ପର୍କରେ ବାଚସ୍ପତି ଚୂଡ଼ାନ୍ତ ନିଷ୍ପତି ଗ୍ରହଣ କରିପାରିବେ।

ତେବେ ଏ କ୍ଷେତ୍ରରେ ସମ୍ବିଧାନ ତଥା ଆଇନର ବିଶାରଦମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ ଓ ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇ ପାରିବ ଏ ଦିଗରେ ଯନିବାନ ହେବା ଆବଶ୍ୟକ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ମତ ଉପସ୍ଥାପନ କରିଛନ୍ତି।

ପରବର୍ତ୍ତୀ ସମୟରେ ୨୦୨୬ ମସିହା ଅପ୍ରେଲ ମାସ ୨୦ ଓ ୨୧ ତାରିଖରେ ଭୁବନେଶ୍ୱର କିମ୍ବା ପୁରୀଠାରେ କମିଟିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସହମତି ପ୍ରକାଶ ପାଇଥିବାବେଳେ ଆଗାମୀ ୮ ମାସ ମଧ୍ୟରେ କମିଟିର ରିପୋର୍ଟ ଲୋକସଭାର ବାଚସ୍ପତିଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହାରାଷ୍ଟ୍ର ବିଧାନସଭାଠାରେ ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ବାଚସ୍ପତିଙ୍କ ସହ ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ବିଧାନସଭା ଗବେଷଣା ଶାଖାର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଛନ୍ତି।



# ଆଇଆଇଟିରେ ସ୍ୱଦେଶୀ ଡିଜିଟାଲ୍ ସବଷ୍ଟେସନ କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୧୩।୨ (ମହାଭାରତ):** ଆଇଆଇଟି ଭୁବନେଶ୍ୱର ଏହାର ୩୩/୧୧ କେଭି କ୍ୟାମ୍ପସ ସବଷ୍ଟେସନରେ ଏକ କେନ୍ଦ୍ରୀୟ ମନିଟରିଂ ଏବଂ ସୁରକ୍ଷା (ସିପିଏମ) ସିଷ୍ଟମ ସହିତ ସମୃଦ୍ଧ ଏକ ଉନ୍ନତ ଡିଜିଟାଲ୍ ସବଷ୍ଟେସନକୁ ସଫଳତାର ସହ ବିକଶିତ ଏବଂ କାର୍ଯ୍ୟକ୍ଷମ କରିଛି, ଯାହା ସ୍ୱଦେଶୀ ବିଦ୍ୟୁତ୍ ପ୍ରଣାଳୀ ନବସୃଜନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ସିଷ୍ଟମ ପ୍ରତିଷ୍ଠାନର ସମଗ୍ର ବୈଦ୍ୟୁତିକ ବଣ୍ଟନ ନେଟୱର୍କର ରିଅଲ-ଟାଇମ ମନିଟରିଂ ଏବଂ ସୁରକ୍ଷାକୁ ସକ୍ଷମ କରିବ। ନୂତନ ଭାବରେ ବିକଶିତ ଡିଜିଟାଲ୍ ସବଷ୍ଟେସନ୍ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକରଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କ ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ, ଆଇଏଏସ୍ ଦ୍ୱାରା ଉଦଘାଟିତ ହୋଇଥିଲା। ଏହି ଅବସରରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସତ୍ୟପ୍ରିୟ ରଥ, ଆଇଏଏସ୍; ଆଇଆଇଟି ଭୁବନେଶ୍ୱରର ପ୍ରୋଜେକ୍ଟ ଇନଭେଷ୍ଟିଗେଟର ପ୍ରଫେସର ଏସ୍. ଆର. ସାମନ୍ତରାୟ; ଏବଂ ଗ୍ରୀଡ଼କୋର ଉପ-ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ୍) ରତ୍ନପୂର୍ଣ୍ଣ ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପ୍ରକଳ୍ପଟି ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ବେଙ୍ଗାଲୁରୁସ୍ଥିତ କେନ୍ଦ୍ରୀୟ ବିଦ୍ୟୁତ ଗବେଷଣା ପ୍ରତିଷ୍ଠାନ (ସିପିଆରଆଇ)ର ଜାତୀୟ ଦୃଷ୍ଟିକୋଣ ଯୋଜନା (ଏନପିପି) ଅଧୀନରେ ଏକ ପ୍ରଦର୍ଶନ ପଦକ୍ଷେପ ଭାବରେ ହାତକୁ ନିଆଯାଇଥିଲା। ଆଇଆଇଟି ଭୁବନେଶ୍ୱରର ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗ, ବୈଦ୍ୟୁତିକ ଏବଂ କମ୍ପ୍ୟୁଟର ବିଜ୍ଞାନ ସ୍କୁଲର ପ୍ରଫେସର ଏସ. ଆର. ସାମନ୍ତରାୟ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା ଏକ ବଣ୍ଟନ ସବଷ୍ଟେସନ ପାଇଁ ଏକ କେନ୍ଦ୍ରୀୟ ସୁରକ୍ଷା ଏବଂ ମନିଟରିଂ (ସିପିଏମ) ସିଷ୍ଟମ ଡିଜାଇନ୍, ବିକାଶ ଏବଂ ପ୍ରଦର୍ଶନ କରିବା, ଯେଉଁଥିରେ ବଣ୍ଟନ ଶକ୍ତି ସମ୍ପଦ (ଡିଇଆରଏସ) ର ସମନ୍ୱୟ ଅନ୍ତର୍ଭୁକ୍ତ। ଉଲ୍ଲେଖନୀୟ ଯେ, ଏହି ପଦକ୍ଷେପ ଦେଶର ସ୍ୱଦେଶୀ ଭାବରେ ବିକଶିତ ଡିଜିଟାଲ୍ ସବଷ୍ଟେସନ ଫ୍ରେମୱାର୍କ ମଧ୍ୟରୁ ଗୋଟିଏକୁ ପ୍ରତିନିଧିତ୍ୱ କରେ, ଯାହା ସବଷ୍ଟେସନ ମଧ୍ୟରେ ପାରମ୍ପରିକ ଭୌତିକ ବୁଦ୍ଧିମାନ ଇଲେକ୍ଟ୍ରୋନିକ୍ ଡିଭାଇସ୍ (ଆଇଇଡିଏସ) ର ଆବଶ୍ୟକତାକୁ ଦୂର କରୁଥିବା ମିଶ୍ରଣ ୟୁନିଟଗୁଡ଼ିକୁ ଉପଯୋଗ କରେ।

# ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା



**ଭୁବନେଶ୍ୱର,୧୩।୨ (ମହାଭାରତ):** ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ମାସିକ ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠାନର ଗୋପବନ୍ଧୁ ସଭା କକ୍ଷରେ ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ଯୁଗର ସାହିତ୍ୟରେ ଭଗବତ ଗୀତା ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାଭାବେ ପ୍ରଫେସର ପୂର୍ଣ୍ଣେନ୍ଦୁ କୁମାର ଦାଶ, ପ୍ରଫେସର ଶରତ ଚନ୍ଦ୍ର ରଥ, ଆରତି କର ଓ ପର୍ଶୁରାମ ଦ୍ୱିବେଦୀ ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କ ଗୀତା ପ୍ରବେଶ, ଆଚାର୍ଯ୍ୟ ହରିହରଙ୍କ ଗୀତାର ଅନୁବାଦ, ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ଶିକ୍ଷକ ପଣ୍ଡିତ ରଘୁନାଥ ମିଶ୍ରଙ୍କ ଶ୍ରୀମଦ୍ ଭଗବତ ଗୀତାର ପଦ୍ୟାନୁବାଦ, ଗୋପବନ୍ଧୁଙ୍କ ରଚନାରେ ଗୀତାର ପ୍ରତିଫଳନ ପ୍ରଭୃତିକୁ ବିଶଦ ଭାବେ ବର୍ଣ୍ଣନା କରିଥିଲେ। ଆଲୋଚନାରେ ବିଜୟ ମହାନ୍ତି, ବିମଳା ସିଂହ, ମନୋଜ ଜେନା, ବିରଜା ପ୍ରସାଦ ଶତପଥୀ, କୈଳାଶ ଚନ୍ଦ୍ର ରଥ, ପ୍ରଭାତ ଦାଶ, ବଂଶୀଧର ସେଠୀ, ଶ୍ରୀବାସ ମହାପାତ୍ର ଓ ସୁନିଲ କୁମାର ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ପାଳିତ ହେବା ସହ ସଭାରେ ବିଶିଷ୍ଟ ଦର୍ଶନ ଶାସ୍ତ୍ରବିତ ପ୍ରଫେସର୍ ବିଜୟା ନନ୍ଦ କରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ରାମ ନାରାୟଣ ମିଶ୍ର ସଭାଟିକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୫୦ ଆମ୍ବୁଲାନ୍ସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୨ (ମହାଭାରତ):** ଆମ୍ବୁଲାନ୍ସ ସେବାର ଦକ୍ଷତା ଆଣି କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଂଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି। ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଂଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟରେ ଗତ ୨୩ ଡିସେମ୍ବରରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିବା ବେଳେ, ଆଜି କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ୨୫୦ଟି ନୂଆ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି। ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇଦିଆଯିବ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ ଲାଇଫ୍ ସପୋର୍ଟ ବା ଆମ୍ବୁଲାନ୍ସ ଏବଂ ଝାରସୁଗୁଡା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ଏଏଲଏସ୍ ଆମ୍ବୁଲାନସ ସ୍ଥମାନ ନିୟୋଜିତ ଅଛି। ସାରା ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।



# ରମାଦେବୀ ବିଶ୍ୱବିଦ୍ୟାଳୟରେ କ୍ଷମତା ନିର୍ମାଣ ଓ ନେତୃତ୍ୱ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୩।୨ (ମହାଭାରତ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ବ୍ଲାଇଣ୍ଡ ପିପଲ୍ସ ଆସୋସିଏସନ, ରେଭେନ୍ସା ଭିନ୍ନକ୍ଷମ ଛାତ୍ର ସଂଘ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଦୃଷ୍ଟିହୀନ ଓ ଅଳ୍ପଦୃଷ୍ଟି ସମ୍ପନ୍ନ ବ୍ୟକ୍ତିମାନଙ୍କ ପାଇଁ କ୍ଷମତା ନିର୍ମାଣ ଓ ନେତୃତ୍ୱ ବିଷୟରେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଏକ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଦୃଷ୍ଟିବାଧିତ ବ୍ୟକ୍ତିମାନଙ୍କୁ ଜ୍ଞାନ,ଦକ୍ଷତା ଓ ନେତୃତ୍ୱ ବିକାଶ ମାଧ୍ୟମରେ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ।

କାର୍ଯ୍ୟକ୍ରମରେ ବ୍ଲାଇଣ୍ଡ ପିପଲ୍ସ ଆସୋସିଏସନ୍ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଡ଼.ଭୂଷଣ ପୁନାନୀ ଦିବ୍ୟାଙ୍ଗଜନ ଅଧିକାର ଆଇନ୨୦୧୬ ଉପରେ ଆଲୋଚନା କରି ଦିବ୍ୟାଙ୍ଗଜନଙ୍କ ଆଇନଗତ ଅଧିକାର ଓ ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଡ଼. ଭାରତ କୁମାର ଯୋଶୀ ସମୟ ପରିଚାଳନା ଓ କ୍ୟାମ୍ପସ୍ ଠାରୁ କର୍ପୋରେଟ୍ ପର୍ଯ୍ୟନ୍ତ ଆବଶ୍ୟକୀୟ ଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ଡ଼. ଧର୍ମେନ୍ଦ୍ର ଜେନା ପ୍ରଭାବଶାଳୀ ଯୋଗାଯୋଗ କୌଶଳ ଉପରେ ଏକ ଅଧିବେଶନ ପରିଚାଳନା କରିଥିଲେ।



ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶାର ମାଷ୍ଟର୍ ଟ୍ରେନର୍ ଡ଼. ବିକାଶ ପ୍ରସାଦଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା, ଯେଉଁଥିରେ ଚାଇଲ୍ଡ ଏଣ୍ଡ ଉମେନ୍ ଡେଭେଲପମେଣ୍ଟ ସୋସାଇଟି ସହଯୋଗ କରିଥିଲା। କାର୍ଯ୍ୟକ୍ରମରେ ରାମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଡ଼. ଚଣ୍ଡୀ ଚରଣ ରଥ, ବିଭାଗୀୟ ଉପ-ସଚିବ ସନ୍ୟାସୀ ବେହେରା, ସିଡବ୍ଲୁଡିଏସର ଅଧ୍ୟକ୍ଷ ମେଜର୍ ଡ଼.କଳ୍ପନା ଦାସ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦୃଷ୍ଟିହୀନ ଓ ଅଳ୍ପଦୃଷ୍ଟି ସମ୍ପନ୍ନ ବ୍ୟକ୍ତିମାନଙ୍କ ମଧ୍ୟରେ ନେତୃତ୍ୱ କ୍ଷମତା, ଆତ୍ମବିଶ୍ୱାସ ଓ ରୋଜଗାରମୁଖୀ ଦକ୍ଷତା ବିକାଶ ପାଇଁ ଏକ ପ୍ରକୃଷ୍ଟ ପଦକ୍ଷେପ ବୋଲି ସଭିଏଁ ଆଶାବ୍ୟକ୍ତ କରିଥିଲେ।

# ରାଷ୍ଟ୍ରୀୟ ପେନସନ୍ ଯୋଜନା ସେବା ସପ୍ତାହ



**ଭୁବନେଶ୍ୱର,୧୩।୨ (ମହାଭାରତ):** ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କୋଷାଗାର ନଂ-୧ ଆନୁକୂଲ୍ୟରେ ରାଷ୍ଟ୍ରୀୟ ପେନସନ୍ ଯୋଜନା (ଏନପିଏସ୍)ର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ପେନସନ୍ ଯୋଜନା (ଏନପିଏସ୍)ରେ ଅନ୍ତର୍ଭୁକ୍ତ ଓଡିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ସଂଲଗ୍ନ ଉଠାଣ ଓ ବିତରଣ ଅଧିକାରୀ (ଡିଡିଓ)ଙ୍କ ନିମନ୍ତେ ଏହି ସେବା ସପ୍ତାହ ପାଳନ ଅବସରରେ ରାଜ୍ୟରେ ଥିବା ସମସ୍ତ କୋଷାଗାରମାନଙ୍କରେ ହେଲ୍ପଡେସ୍କ ଖୋଲାଯାଇଛି। ଆସନ୍ତା ତା୦୯.୦୨.୨୦୨୬ରିଖ ଠାରୁ ତା୧୩.୦୨.୨୦୨୬ରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପେନସନ୍ ଯୋଜନାର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ କରାଯିବ। ଏଥିରେ ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ବନ୍ଧୀୟ ସମସ୍ତ ସନ୍ଦେହ ଦୂର କରାଯିବା ସହ ଏହା ସହ ସମ୍ପର୍କିତ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ମଧ୍ୟ କରାଯିବ। ଏହି ସେବା ସପ୍ତାହ ପାଳନ ଅବସରରେ ରାଷ୍ଟ୍ରୀୟ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ ଓଡିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ଡିଡିଓମାନଙ୍କୁ ହେଲ୍ପ ଡେସ୍କ ମାଧ୍ୟମରେ ଏହି ସେବାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି।

# ବାଲ୍ୟ ବିବାହ ପରିସମାପ୍ତି ଘଟାଇବାକୁ ପ୍ରୟାସ

**ଭୁବନେଶ୍ୱର,୧୩।୨ (ମହାଭାରତ):** ବାଲ୍ୟ ବିବାହରେ ପୂର୍ଣ୍ଣଚ୍ଛେଦ ପକାଇବାକୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ୧୦୦ ଦିନିଆ ରାଷ୍ଟ୍ରୀୟ ଅଭିଯାନ 'ବାଲ୍ ବିବାହ ମୁକ୍ତ ଭାରତ ଅଭିଯାନ'ର ଅଂଶ ଭାବରେ କନ୍ଧମାଳ ଜିଲ୍ଲାରେ ପିଲାମାନଙ୍କୁ ବାଲ୍ୟ ବିବାହରୁ ସୁରକ୍ଷିତ ରଖିବା ସକାଶେ ଏକାଧିକ ପର୍ଯ୍ୟାୟର ବ୍ୟାପକ ସଚେତନତା ଓ ନିରାକରଣମୂଳକ କାର୍ଯ୍ୟକଳାପ କାର୍ଯ୍ୟକାରୀ କରାଯାଇଥିଲା। କନ୍ଧମାଳରେ ଏହି ଅଭିଯାନ ୨୦୨୫ ନଭେମ୍ବର ୨୬ ତାରିଖରେ ଫୁଲବାଣୀଠାରେ ଆରମ୍ଭ ହୋଇଥିଲା ଏବଂ ସେଥିରେ ଜିଲ୍ଲା ପ୍ରଶାସନ, ଶିଶୁ ସୁରକ୍ଷା କାର୍ଯ୍ୟକର୍ତ୍ତାଗଣ, ଆଇସିଡିଏସ୍ କର୍ମଚାରୀ, ପୋଲିସ, ସିଡବ୍ଲ୍ୟୁସି ସଦସ୍ୟାଗଣ, ସିଡିପିଓ ଏବଂ ଅନ୍ୟ ପ୍ରମୁଖ ସହଭାଗୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଗତିଶୀଳତାକୁ ଆଗେଇ ନେଇ ସଚେତନତାମୂଳକ ବାର୍ତ୍ତାଗୁଡିକ ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳ ଏବଂ ଜନସାଧାରଣଙ୍କ ନିକଟକୁ ସିଧାସଳଖ ପହଞ୍ଚାଇବା ସକାଶେ ୨୦୨୬ ଫେବୃଆରୀ ୬ରୁ ୯ ତାରିଖ ପର୍ଯ୍ୟନ୍ତ ବାଲ୍ ବିବାହ ମୁକ୍ତି ରଥ କାରାଭାନ୍ ଆୟୋଜନ କରାଯାଇଥିଲା। ରଥକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ, କନ୍ଧମାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ମଜଭୁତ ପ୍ରଶାସନିକ ସମର୍ଥନକୁ ପ୍ରତିଫଳିତ କରିଥିଲା। ଏହି ଅଭିଯାନ ହମାରା ବଚ୍‌ପନ ଟ୍ରଷ୍ଟ ପକ୍ଷରୁ ଜଷ୍ଟ ରାଇଟ୍‌ସ୍ ଫର ଚିଲଡ୍ରେନ (ଜେଆର୍‌ସି) କାର୍ଯ୍ୟକ୍ରମ ଅଧୀନରେ କୈଳାସ ସତ୍ୟାର୍ଥୀ ଚିଲ୍‌ଡ୍ରେନ୍‌ସ୍ ଫାଉଣ୍ଡେସନ (କେଏସ୍‌ସିଏଫ୍) ସହଭାଗୀତାରେ କାର୍ଯ୍ୟକାରୀ କରାଯାଉଛି। ୨୦୨୪ରୁ ହମାରା ବଚ୍‌ପନ ଟ୍ରଷ୍ଟ କନ୍ଧମାଳ ଜିଲ୍ଲାରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା, ବାଲ୍ୟ ବିବାହ ରୋକିବା ଏବଂ ଗୋଷ୍ଠୀ ପ୍ରୟାସକୁ ମଜଭୁତ କରିବା ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି। ଚାରିଦିନିଆ କାର୍ଯ୍ୟକ୍ରମ ସମୟରେ ରଥ ଫୁଲବାଣୀ, ଫିରିଙ୍ଗିଆ, ଖଜୁରିପଡା, ଟିକାବାଲି ଏବଂ ରାଇକିଆ ଆଦି ବ୍ଲକ୍‌ଗୁଡିକରେ ପ୍ରାୟ ୭୫୦ କିଲୋମିଟର ପଥ ଅତିକ୍ରମ କରିବା ସହିତ ମୋଟ ୫୦ଟି ଗ୍ରାମ ପଞ୍ଚାୟତ, ୩୫୦ ଗ୍ରାମ ଏବଂ ୧୩ଟି ସହରାଞ୍ଚଳ ୱାର୍ଡକୁ ଗସ୍ତ କରିଥିଲା।

# ମଣିଷ-ହାତୀ ସଂଘର୍ଷ ନେଇ ଚିନ୍ତା ପ୍ରକଟ କଲେ ନବୀନ

**ଭୁବନେଶ୍ୱର,୧୩।୨ (ମହାଭାରତ):** ଢେଙ୍କାନାଳରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଏହାସହ ବାରମ୍ବାର ମଣିଷ-ହାତୀ ମଧ୍ୟରେ ଦେଖାଯାଉଥିବା ସଂଘର୍ଷ ସ୍ଥିତି ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ଏକ୍ସରେ ନବୀନ ଲେଖିଛନ୍ତି ଢେଙ୍କାନାଳ ଜିଲ୍ଲାରେ ହାତୀ ଆକ୍ରମଣ ପରି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ମହିଳାଙ୍କ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଏଥିସହ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଏହି ଅପୂରଣୀୟ କ୍ଷତି ଅତ୍ୟନ୍ତ ଦୁଃଖଦାୟକ। ଏପରି ଅସମୟରେ ଶୋକସନ୍ତପ୍ତ ପରିବାର ତଥା ଆତ୍ମୀୟସ୍ୱଜନଙ୍କ ସାଥିରେ ମୋର ସମବେଦନା ରହିଛି। ବାରମ୍ବାର ମଣିଷ-ହାତୀ ମଧ୍ୟରେ ଦେଖାଯାଉଥିବା ସଂଘର୍ଷ ସ୍ଥିତି ବେଶ ଚିନ୍ତାଜନକ। ଏହା ଅନେକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ସୁରକ୍ଷା ଉପାୟକୁ ସୁଦୃଢ଼ କରିବା, ଆଗୁଆ ସୂଚନା ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଉଭୟ ମଣିଷ ଏବଂ ବନ୍ୟଜନ୍ତୁଙ୍କ ଜୀବନ ରକ୍ଷା ପାଇଁ ଦୀର୍ଘସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ପ୍ରତି ଏପରି ଘଟଣା ଆହ୍ୱାନ ସୃଷ୍ଟି କରିଛି।

# ସ୍ୱଚ୍ଛ ସର୍ବେକ୍ଷଣର ବ୍ରାଣ୍ଡ ଆମ୍ବାସଡର ହେଲେ କର୍ପୋରେଟର

**ଭୁବନେଶ୍ୱର,୧୩।୨ (ମହାଭାରତ):** ନିଜ ନିଜ ୱାର୍ଡର ସ୍ୱଚ୍ଛ ସର୍ବେକ୍ଷଣ-୨୦୨୫-୨୫ ବ୍ରାଣ୍ଡ ଆମ୍ବାସଡର ହେଲେ ସ୍ଥାନୀୟ କର୍ପୋରେଟର। ନିଜ ୱାର୍ଡକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ କର୍ପୋରେଟରମାନେ ନିଜ ନିଜ ୱାର୍ଡର ଦାୟିତ୍ୱ ନେଇଛନ୍ତି। ନିଜ ୱାର୍ଡକୁ ଏକ ନମ୍ବର କରିବା ପାଇଁ ସେମାନେ ପ୍ରୟାସ କରିବେ। ସ୍ୱଚ୍ଛ ସର୍ବେକ୍ଷଣ-୨୦୨୫-୨୬ ରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଯେପରି ଦେଶର ଏକ ନମ୍ବର ସ୍ୱଚ୍ଛ ସହର ହେବ, ସେଥିପାଇଁ ସମସ୍ତେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି ମେୟର ଓ କମିଶନର।

ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ସମସ୍ତ କର୍ପୋରେଟରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, କମିଶନର ଚଞ୍ଚଳ ରାଣା, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁଆର, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ ପ୍ରମୁଖ ମଂଚାସୀନ ଥିଲେ। ବିଏମ୍ ସି ପକ୍ଷରୁ ଚାଲିଛି ସ୍ୱଚ୍ଛତା ଆଡଭୋକେସି କାର୍ଯ୍ୟକ୍ରମ। ସ୍ୱଚ୍ଛ ସର୍ବେକ୍ଷଣ-୨୦୨୫-୨୬ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ପୋରେଟର ଓ ବିଏମ୍ ସିର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଚଳିତ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ କର୍ପୋରେଟରମାନେ ନିଜ ନିଜ ୱାର୍ଡର ସ୍ୱଚ୍ଛ ସର୍ବେକ୍ଷଣ ବ୍ରାଣ୍ଡ ଆମ୍ବାସଡର ଭାବେ କାର୍ଯ୍ୟ କରିବେ। ନିଜ ନିଜ ୱାର୍ଡରେ ଜନ ସଚେତନତା ସୃଷ୍ଟି କରିବା ସହ ସଭା, ଶୋଭାଯାତ୍ରା, ଗଣ ସଫେଇ ଆଦି କାର୍ଯ୍ୟ କରିବାରେ ବିଏମ୍ ସି କର୍ମଚାରୀଙ୍କୁ ସହାୟତା କରିବେ। କୌଣସି ୱାର୍ଡରେ ଯେପରି ବର୍ଜ୍ୟ ପ୍ରବଣ ଅଂଚଳ ନ ରୁହେ, ସେଥିପ୍ରତି ଯତ୍ନବାନ ହେବେ। ସ୍ୱଚ୍ଛତା ପ୍ରତି ଜନଜାଗରଣ ସୃଷ୍ଟି କରିବା କର୍ପୋରେଟରମାନଙ୍କର ପ୍ରମୁଖ କାର୍ଯ୍ୟ ହେବ। ବିଗତ ବର୍ଷଗୁଡିକରେ କର୍ପୋରେଟରଙ୍କ ସହଯୋଗ ପାଇଁ ଭୁବନେଶ୍ୱର ମହାନଗର ନିଗମ ୮୪ତମ ସ୍ଥାନରୁ ୯ମ ସ୍ଥାନରେ ପହଞ୍ଚି ପାରିଛି। ଚଳିତ ବର୍ଷ ଯେପରି ଏକ ନମ୍ବର ହେବ, ସେଥିପାଇଁ କର୍ପୋରେଟରମାନେ ପରିମଳ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଛନ୍ତି ମେୟର ଶ୍ରୀମତୀ ଦାସ। ଚଳିତ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣର ଥିମ୍ ରହିଛି "ସ୍ୱଚ୍ଛତାର ନୂଆ ପଦକ୍ଷେପ-ହାତରେ ହାତ ମିଳାଇ; ଆସ କରିବା ସଫେଇ" ଅର୍ଥାତ୍ ନାଗରିକଙ୍କ ସହଯୋଗ ବିନା ଦୀର୍ଘ ମିଆଦି ସୂତ୍ରରେ ସ୍ୱଚ୍ଛତା ବଜାୟ ରହିପାରିବ ନାହିଁ। ତେଣୁ ଆଗାମ ଦିନରେ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ସହରର ବିଭିନ୍ନ ବଜାର ସଂଗଠନ, ହୋଟେଲ ଆସୋସିଏସନ ଆଦିଙ୍କୁ ନେଇ ସ୍ୱଚ୍ଛ ସର୍ବକ୍ଷେଣ ସଂପର୍କରେ ଆଲୋଚନା କରାଯିବ ବୋଲି କହିଛନ୍ତି କମିଶନର ଶ୍ରୀ ରାଣା। ସ୍ୱଚ୍ଛ ସର୍ବକ୍ଷେଣ-୨୦୨୫-୨୬ ର ବ୍ରାଣ୍ଡ ଆମ୍ବାସଡରମାନେ କଣ କରିବା ଦରକାର ଏବଂ ବିଏମ୍ ସି ପରିମଳ ପରିଚାଳନାର କେଉଁ କ୍ଷେତ୍ରରେ ଦୁର୍ବଳତା ରହିଛି, ତାକୁ କିପରି ତୃଣମୂଳ ସ୍ତରରୁ ସୁଧାରିବା, ପରିମଳ କର୍ମଚାରୀ ଓ ସାଧାରଣ ଲୋକଙ୍କ ସହ ବୈଠକ କରିବା, କେଉଁସ୍ଥାନରେ କି ଅସୁବିଧା ରହିଛି, ତାର ସମାଧାନ କରିବା ଇତ୍ୟାଦି ସଂପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କର୍ପୋରେଟରମାନଙ୍କୁ ସ୍ୱଚ୍ଛ ସର୍ବକ୍ଷେଣ ଶପଥ ପାଠ କରାଇଥିଲେ ମେୟର ଶ୍ରୀମତୀ ଦାସ। ସ୍ୱଚ୍ଛ ସର୍ବକ୍ଷେଣ ଗାଇଡ୍ ଲାଇନରେ ଥିବା ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ।

# ଦେଶ ହେବ ମାଓମୁକ୍ତ

ଅମିତ ଶାହ ଛତିଶଗଡ଼ରେ ମାଓ ମୁକାବିଲାର ସମୀକ୍ଷା ଅବସରରେ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ମାଓମୁକ୍ତ କରିବା ଲକ୍ଷ୍ୟ ସମ୍ପର୍କରେ ପୁନର୍ବାର ଦୋହରାଇଛନ୍ତି । ଏହି ଲକ୍ଷ୍ୟ ଖୁବ ନିକଟତର ଏବଂ ଏବେ ମାଓ ଦମନ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବାକୁ ସେ ଆହ୍ୱାନ କରିଛନ୍ତି । ବୈଠକରେ ଛତିଶଗଡ଼ ସମେତ ବିଭିନ୍ନ ମାଓ ପ୍ରଭାବିତ ରାଜ୍ୟର ଡିଜିପି ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଇତିମଧ୍ୟରେ କ୍ରମାଗତ ଅଭିଯାନ ଫଳରେ ବହୁ ମାଓବାଦୀ ପ୍ରାଣ ହରାଇଲେଣି, ଅନେକ ଆତ୍ମସମର୍ପଣ କରିଛନ୍ତି । ବାକି ଯେଉଁମାନେ ରହିଲେ ସେମାନେ ତୁରନ୍ତ ଅସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେ ପରାମର୍ଶ ଦେଇଛନ୍ତି । ନଚେତ ସୁରକ୍ଷା ବାହିନୀର ଗୁଳିରେ ମୃତ୍ୟୁ ସୁନିଶ୍ଚିତ । କିଛି ଦିନ ତଳେ ମାଓ ନେତା ନିଖିଲ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ଅନ୍ୟମାଓବାଦୀମାନଙ୍କୁ ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଛି । ଏହା ଏକ ଉଲ୍ଲେଖନୀୟ ଘଟଣା । ଛତିଶଗଡ଼, ତେଲେଙ୍ଗାନା, ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶ ଭଳି ଓଡ଼ିଶାରେ ମଧ୍ୟ ମାଓ ମୁକାବିଲାରେ ସୁରକ୍ଷା ବାହିନୀକୁ ସଫଳତା ମିଳିଛି । ଗତ ଡିସେମ୍ବରରେ ସୁରକ୍ଷା କର୍ମୀଙ୍କ ଗୁଳିରେ ଟପ ମାଓନେତା ଗଣେଶ ନିହତ ହୋଇଛି । ଏହା ଫଳରେ ଓଡ଼ିଶାରେ ବାମପନ୍ଥୀ ଉଗ୍ରବାଦୀଙ୍କ ଅଣ୍ଟା ଭାଙ୍ଗି ଯାଇଛି ବୋଲି କୁହାଯାଉଛି । ଏହାର ବାସ୍ତବତା ପରେ ଜଣାପଡ଼ିବ । କିନ୍ତୁ ଦେଶରେ ମାଓ ଆତଙ୍କର ଯବନିକା ପଡ଼ିବାକୁ ଯାଉଛି ଏହା ସ୍ୱୀକାର କରିବାକୁ ପଡ଼ିବ ।  ମାଓ ମୁକାବିଲାରେ ୨୦୨୫କୁ ଏକ ସଫଳତାର ବର୍ଷ ବୋଲି କୁହାଯାଇପାରିବ । ଏହି ବର୍ଷ ସୁରକ୍ଷା କର୍ମୀଙ୍କ ଗୁଳିରେ ସର୍ବାଧିକ ସଂଖ୍ୟକ ମାଓବାଦୀ ନିହତ ହୋଇଛନ୍ତି ଏବଂ ତାଠାରୁ ଅଧିକ ମାଓବାଦୀ ଆତ୍ମସର୍ପଣ କରିଛନ୍ତି । ମୃତକଙ୍କ ମଧ୍ୟରେ ଅଛନ୍ତି ଦୁର୍ଦ୍ଦାନ୍ତ ମାଓନେତା ହିଡ଼ମା ଏବଂ ସୁଧାକର ପ୍ରମୁଖ । ସୁରକ୍ଷା ବାହିନୀର ଘନ ଘନ ଆକ୍ରମଣରେ ମାଓ ସଙ୍ଗଠନର ମେରୁଦଣ୍ଡ ଭାଙ୍ଗିଯାଇଛି । ଅନେକ ମାଓବାଦୀ ଏଥିଲାଗି ନିଜର ସ୍ୱର ନରମ କରି ଆଲୋଚନା ପ୍ରସ୍ତାବ ଦେଇଛନ୍ତି । ଅନେକ ଅସ୍ତ୍ରବିରତି କଥା ମଧ୍ୟ କହୁଛନ୍ତି । କେବଳ ଆତ୍ମରକ୍ଷା ପାଇଁ ଭୟରେ ସେମାନେ ଏଭଳି କଥା କହୁଛନ୍ତି । ଏହାକୁ ସରକାର କଦାପି ଗ୍ରହଣ କରିବା ଅନୁଚିତ । ଆତ୍ମରକ୍ଷା ପାଇଁ ସମୟ ସୁବିଧା ପାଇଲେ ସେମାନେ ପୁଣି ନିଜ ରଙ୍ଗ ବଦଳାଇବେ, ଏଥିରେ ସନ୍ଦେହ ନାହିଁ । ସେମାନଙ୍କୁ ଅଣ୍ଟା ସଳଖିବା ପାଇଁ ସୁଯୋଗ ଦେବା ଆତ୍ମଘାତୀ ହେବ । ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ମାଓମୁକ୍ତ କରିବା ପାଇଁ ଗୃହମନ୍ତ୍ରୀ ଅମିତ ଶାହ ଯେଉଁ ଆହ୍ୱାନ ଦେଇଛନ୍ତି ଏବଂ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ଯଥାର୍ଥ । ଏହାକୁ କାର୍ଯ୍ୟକାରୀ କରିବାରେ କୌଣସି ପ୍ରକାର ଅବହେଳା କରାଯିବା ଅନୁଚିତ ହେବ । ମାଓ ସମସ୍ୟାର ମୁକାବିଲା ନିମନ୍ତେ ସେମାନଙ୍କୁ ନିର୍ମମଭାବେ ଦମନ କରାଯିବା ଉଚିତ । ଶ୍ରୀଲଙ୍କାରେ ଏଲଟିଟିଇ ଭଳି ତାମିଲ ଉଗ୍ରପନ୍ଥୀଙ୍କୁ ଦମନ କରିବା ନିମନ୍ତେ ସେଠାକାର ସରକାର ଯେଉଁ ନୀତି ଅବଲମ୍ବନ କରିଥିଲେ, ଭାରତରେ ମାଓଦମନ ନିମନ୍ତେ ଠିକ ସେହି ନୀତି ଅବଲମ୍ବନ କରାଯିବା ଉଚିତ । ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ନିମନ୍ତେ ଏହା ଜରୁରୀ । ବିଗତ ବହୁ ବର୍ଷ ହେବ ମାଓବାଦୀମାନେ ଯେପରି ଭାବେ ନିରୀହ ବ୍ୟକ୍ତି ଏବଂ ସୁରକ୍ଷା କର୍ମୀଙ୍କୁ ବର୍ବରତାର ସହ ହତ୍ୟା କରିଛନ୍ତି ତାହାର ଜବାବ ଦିଆଯିବା ଉଚିତ । ପୋଲିସ ଇନଫର୍ମର ସନ୍ଦେହରେ ଘରୁ ଡାକିଆଣି ହାତକୁ ପଛରୁ ବାନ୍ଧି ଗଳାକାଟି ହତ୍ୟା କରିବା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ଅତି ଅମାନୁଷିକ ଭାବେ କାହାରିକୁ ନିର୍ଯାତନା ଦେଇ ବା ପିଟି ପିଟି ହତ୍ୟା କରିବା କେବେ କୌଣସି ନୀତି, ଆଦର୍ଶ ବା ତଥାକଥିତ ସାମ୍ୟବାଦ ହୋଇନପାରେ ।

# ଦିବ୍ୟମାତା ଷୋଡ଼ଶୀବାଳା ଦେବୀ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

> “ *ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ ‘ବଡ଼ବୌ (ବଡ଼ବୋହୂ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?’ ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ ।*

ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ’ । ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ଚକ୍ରବର୍ତ୍ତୀ ପରିବାରର କୂଳବଧୂ ଷୋଡ଼ଶୀବାଳାଙ୍କ ନିକଟରୁ । ଶ୍ୱଶୁର, ଶାଶୁ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ଆଗେଇ ଯାଆନ୍ତି ‘ହଁ ପାରିବି’ କହି ପରମ ଆନନ୍ଦରେ । ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୁ ମନମୋହିନୀ ଦେବୀ । କିନ୍ତୁ ଫେରିବାପରେ ଶାଶୁ ଦେବୀ ଦେଖନ୍ତି ସମସ୍ତ କାର୍ଯ୍ୟରେ କିଛି ନା କିଛି ଭୁଲ ତ୍ରୁଟି ରହିଯାଇଥାଏ । ଅଳ୍ପ ବୟସର ବଧୂଟି ବୋଲି ବିରକ୍ତି ପ୍ରକାଶ ନକରି ବରଂ ବୁଝିଯାନ୍ତି ଶାଶୁଦେବୀ ।

ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ ‘ବଡ଼ବୌ (ବଡ଼ବୋହୂ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?’ ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ । କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାଙ୍କେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ । ନେଇ ଚାଲିଗଲେ ମଧ ସ୍ୱାମୀ ଦେବତା । କିନ୍ତୁ ବୋହୁର କାନରେ ମାଙ୍କେଡ଼ି ପଚାରିଲେ ଶାଶୁଦେବୀ – ‘ବୋହୁମା’ କାନର ମାଙ୍କେଡ଼ି କ’ଣ ହେଲା ?’ କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ । ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୁଦେବୀ – ‘ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ । ଆଉ କ’ଣ ହେବ ?’ ତଥାପି ବଧୂଟି ନିରୁତ୍ତର । ପ୍ରାୟ ମାସକ ପରେ ଦିନେ ଦ୍ୱିପ୍ରହରର ପୂର୍ବ ସମୟରେ, ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, – ‘ଏଇ ନିଅନ୍ତୁ ମା’ ମାଙ୍କେଡି ଦୁଇଟା । ଆପଣମାନେ ଗରିବଙ୍କର ମା’ବାପା । ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଞ୍ଚାଇ ପାରିନଥାନ୍ତି । ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି । ମାସକ ପରେ ଆଜି ମୁକୁଳାଇ ଆଣିପାରିଛି ।’ କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି । ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି । ବୋହୂଟି ଘର ଭିତରେ ଥାଇ ସବୁ ଶୁଣି ମଧ ପଦେ ବି କଥା କହିଲେ ନାହିଁ । ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନବୃତ୍ୟାନୁସାରିଣୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ । ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଏହି ଦେବୀ ଜଣକ । ଯେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ ବିଶ୍ୱ ଜନନୀ ଶ୍ରୀ ଶ୍ରୀ ଲକ୍ଷ୍ମୀମା’ ନାମରେ ସ୍ୱାମୀଙ୍କର ଇଚ୍ଛା ପରିପୂରଣ ପାଇଁ ସେ ସମସ୍ତ କିଛି ହିଁ କରିପାରନ୍ତି । ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚାରିତ ହୋଇଥିଲା – ‘ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା’ ନୁହଁ, ତୁମେ ସାରା ଜଗତର ମା’, ତୁମେ ବିଶ୍ୱ ଜନନୀ ।’ ଏହି ମହିୟସୀ କୂଳବଧୁ ଆଉ କେହି ନୁହନ୍ତି । ଏ ହେଉଛନ୍ତି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀ ଶ୍ରୀ ଲକ୍ଷ୍ମୀମା’ । ଆଜକୁ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ-୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟକୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ । ଆଜି ତାଙ୍କରି ପବିତ୍ର ଜନ୍ମ ଦିବସରେ ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନବୃତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ । ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଳ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ – ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା । ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ । ପୁଣି ସେହି ସାବଧାନ ବାଣୀ – ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ – କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା’ ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା । ଆଉ ମା’ କେବଳ ମା’ – କାମିନୀ ନୁହେଁ । ମା’ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ । ସାବଧାନ ! ମା’କୁ ମାଗୀ ଭାବି ମରନାହିଁ । ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି । ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା’ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ ।

ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଚ୍ଛା ନହୁଏ । ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ । ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ । ପୁଣି ସେହି ସତର୍କ ବାଣୀ – ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ – ପ୍ରସାଦରୁ ବଞ୍ଚିତ ହୁଅନାହିଁ । ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ । ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ । ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ । ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ । ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ । ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଜଳବାୟୁ ପ୍ରଦୂଷଣ ଓ ବେକାରୀ ସମସ୍ୟା

**॥ ଅଜୟ କୁମାର ବେହେରା ॥**

ଜାପାନ ଶିଳ୍ପପତିଙ୍କୁ ଓଡ଼ିଶା ଆଣିବା ପୂର୍ବରୁ ଭାବନ୍ତୁ । ଶିଳ୍ପ ପାଇଁ ଭିତ୍ତିଭୂମି ପାଇଁ ସ୍ଥାନ, ସ୍ଥାନକୁ ରାସ୍ତା ପଥ, ଶିଳ୍ପକୁ କଞ୍ଚାମାଲ, ଜଳ, ବିଦ୍ୟୁତ ଯୋଗାଇବାକୁ ପଡ଼ିବ । ଶିଳ୍ପ ଜାତ ଦ୍ରବ୍ୟକୁ କଞ୍ଚାମାଲର ଉତ୍ସ ଖଣି । ଖଣିରୁ ଉତ୍ତୋଳନ ଦ୍ରବ୍ୟେ ଯାହା ମିଳିବ ତାହା ସେ ଶିଳ୍ପରେ ପୂର୍ଣ୍ଣ ଲାଗିବ ନା ତାର ଅଂଶ ତାଙ୍କ ଦେଶକୁ ଆଳ କରି ରପ୍ତାନୀ କରିବେ । ପୁଣି ଉତ୍ପାଦିତ ଶିଳ୍ପଜାତ ଦ୍ରବ୍ୟକୁ ପୂର୍ଣ୍ଣ ଭାରତ ଭୂଖଣ୍ଡରେ ବିକ୍ରୟ ବ୍ୟବସ୍ଥା ରଖିବେ ନା ଉତ୍ପାଦିତ ବସ୍ତୁର ଅର୍ଦ୍ଧ ପ୍ରସ୍ତୁତକୁ ପୁଣି ତାଙ୍କ ଦେଶକୁ ପଠାଇ ସେଠାରୁ ଦରକାରୀ ଷ୍ଟିଲର ପୁଣି ଆମ ଦେଶକୁ ବିକ୍ରୟ କରିବେ । ଯେମିତି କମ୍ପାନୀମାନେ ଆମ ଦେଶରୁ ଲୁଣ ଧଳାକୁ ବନ୍ଦ କରି ତାଙ୍କ ଦେଶରୁ ଲୁଣ ଆଣି ଆମକୁ ବାଧ୍ୟକରି ବିକ୍ରୟ କଲେ ଆମ ମାଟିଆ ଲୁଣକୁ ସଫାକରି ବିକ୍ରୟ କରି ଧନ୍ଦା ଚାଳନା କରୁଥିଲେ । ପୁଣି ଏ ସମୟ ଅଟୋମେଟିକ ମେସିନ ବହୁ ଶ୍ରମିକଙ୍କର ବୃତ୍ତି ରନ୍ଧ କରୁଛି । ଏପରି ଅଟୋମେଟିକ ମେସିନର ଅପରେଟର ଏ ପର୍ଯ୍ୟନ୍ତ ଆମ ଦେଶରେ ବହୁତ ତିଆରି ନାହାଁନ୍ତି ଯାହା ସେମାନଙ୍କର ଦେଶର ବା ଅନ୍ୟ ରାଜ୍ୟରୁ ଏପରି ବିଶେଷଜ୍ଞ ଆସି ଆମ ରାଜ୍ୟରେ ଶିଳ୍ପ ସଞ୍ଚାଳନ କରିବେ ଫଳରେ ସ୍ଥାନୀୟ ଲୋକେ ଠିକ କର୍ମ ନିଯୁକ୍ତି ପାଇବେ ବି ? ଅନେକ ସଂସ୍ଥା ଠିକ ଶ୍ରମିକ ବା କର୍ମଚାରୀ କିଛି ବର୍ଷ ପାଇଁ ରଖି ତାଙ୍କୁ ଛଟେଇ କରୁଛନ୍ତି । ଯୌବନକାଳର ରୋଜଗାର ବାଧା କି କଷ୍ଟକର ଅନୁଭବୀ ହିଁ ଜାଣି ପାରିବେ । ଏପରି ଅସ୍ଥାୟୀ ମୁତୟନ କରିବେ କି ? ଲୁହା କାରଖାନାକୁ ହାର୍ଡ଼କୋକ ବା ସଫ୍ଟକୋକ କୋଇଲା ନହେଲେ ଲୁହା ତରଳା ଚୁଲ୍ଲୀ ଚାଲି ପାରିବ ନାହିଁ । ଲୁହା ଯେତେ ତାପରେ ତରଳେ ବା ପଥରକୁ ଗୁଣ୍ଡକରି ତାକୁ ଚୁଲ୍ଲୀରେ ତରଳାଇ ଲୁହାପିଣ୍ଡ କାଢ଼ିବାବେଳେ ଯେ ଉତ୍ତାପ ବିକିରଣ ହେବ ତାହା ଯେଉଁଠି କାରଖାନା ହେବ ସବୁ ଋତୁରେ ବହୁଥିବା ପବନରେ ବିଭିନ୍ନ ଦିଗକୁ ଯିବ ନାହିଁ । ସ୍ଥାନ ଗରମରୁ ସ୍ଥାନର ପାଣିପାଗ ଉପରେ ପ୍ରକୃତି ଉପରେ ପ୍ରଭାବ ପଡ଼ିବ କି ନାହିଁ ? ଓଡ଼ିଶାର ସ୍ୱାଧିନତା ପୂର୍ବରୁ ଯେ ଜଳ ବାୟୁ ଥିଲା ଏବେ ସେପରି କାହିଁକି ନାହିଁ ? ପୂର୍ବେ ଲୋକେ ଏତେ ପ୍ରକାର ରୋଗ ଭୋଗୁଥିଲେ କି ? ପ୍ରଦୂଷିତ ବାୟୁମଣ୍ଡଳ ଓ ତାପବୃଦ୍ଧି କେତେ ହିଂସା ଚିନ୍ତା ଲୋକଙ୍କୁ ଘାରୁଛି । ଏତେ ପୋଲିସ ଥିଲେ କି ? ଏତେ ଥାନା ଥିଲା କି ? କେତେ ବୃକ୍ଷ ଏବେଲରେ ଶିଳ୍ପ ନାମରେ ରାସ୍ତା ନିର୍ମାଣରେ କ୍ଷୟ ଶିଳ୍ପକୁ ରାସ୍ତା, ରେଲରାସ୍ତା ପାଇଁ କେତେ ଶସ୍ୟ କ୍ଷେତ୍ର କ୍ଷୟ ଏକଥା କଣ ବିଜ୍ଞମାନେ ଜାଣି ପାରୁନାହାଁନ୍ତି ? ଏକଦା ଗଡ଼ଜାତ ମୟୂରଭଞ୍ଜ ରାଜ୍ୟରେ ବାଦାମ ପାହାଡ଼ରେ ଲୁହା ଖଣିର ସନ୍ଧାନ ମିଳିଥିଲା । ତାହା ଟାଟା କମ୍ପାନୀଙ୍କ ଦ୍ୱାରା ନିର୍ମାଣ ହେବା ପାଇଁ ସ୍ଥାନ ଖୋଜାରେ କଣ ମୟୂରଭଞ୍ଜର ବଡ଼ ସହର ବାରିପଦା ରାଜାଙ୍କ ରାଜଧାନୀ ପାଖରେ ହୋଇପାରି ନଥାନ୍ତା । ରାଜ୍ୟରେ କଣ ଶ୍ରମିକ ନା ସ୍ଥାନ ଅଭାବ ଥିଲା ତେବେ ବିହାର, ସିଂହଭୂମର ବର୍ଗମକର ଜାମସେଦପୁରକୁ କାହିଁକି ସ୍ଥାନାନ୍ତର ହୋଇଥିଲା ? ଏବେ ବିହାରର ଭଙ୍ଗ ହୋଇ ଏବେ ଝାରଖଣ୍ଡ ରାଜ୍ୟରେ ଏବେ ଆସିଗଲାଣି । ଝାରଖଣ୍ଡ ଅର୍ଥ ବନାଞ୍ଚଳ ରାଜ୍ୟ ଯେଉଁଠି ବହୁତ ବୃକ୍ଷଲତା ଭରି ରହିଥିଲା । ଏହି କାରଖାନା ପରେ ଅନ୍ୟକ ଆନୁସଙ୍ଗିକ କାରଣରୁ ବହୁ ଜଙ୍ଗଲ ପଦା ବହୁ ପଶୁପକ୍ଷୀ ବିଲୁପ୍ତ । ଲୋକଙ୍କୁ ଅର୍ଥ ମିଳିବ ମାତ୍ର ଖାଇବା ପଦାର୍ଥ ଅନ୍ନ ଧାନ୍ୟ ପନିପରିବା ମହରଗ ହୋଇଯିବା ନିଶ୍ଚିନ୍ତ ।

ଆମର କଳିଙ୍ଗ ନଗର ଶିଳ୍ପାଞ୍ଚଳ କଟକର ଉତ୍ତର ଦିଗରେ ପୁରୀ ଖୋର୍ଦ୍ଧା, ଭୁବନେଶ୍ୱର ଏ ସ୍ଥାନରୁ ଦକ୍ଷିଣରେ ଏପରିକି ବଙ୍ଗୋପସାଗର ଦକ୍ଷିଣ ପୂର୍ବ ସମୁଦ୍ରରେ ରହିଛି । ଶିଳ୍ପାଞ୍ଚଳରେ ଧୂ ଧୂ ଜଳୁଥିବା ଚିମିନୀର ନିଆଁ ସ୍ଥାନକୁ ସର୍ବଦା ଗରମ କରୁଛି ଯାହା ବର୍ଷା ଋତୁ ଶେଷ ସେପ୍ଟେମ୍ବରରୁ ନଭେମ୍ବର ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ ପ୍ରବାହ ଯେଉଁ ମହାବାତ୍ୟା ସୃଷ୍ଟି କରୁଛି ଏହା ଏକ ବଡ଼ କାରଣ । ଏହି କାରଣ ସହିତ କେନ୍ଦ୍ରାପଡ଼, ଜଗତସିଂହପୁରରେ ନିର୍ମାଣକୁ ଜାପାନ ଶିଳ୍ପପତିଙ୍କୁ ଅଣାଯିବା ଯଦି ଭବିଷ୍ୟତକୁ ଏ ଅଞ୍ଚଳ ଜଳବାୟୁକୁ କ୍ଷତି ନହେବ ତାହା ଚିନ୍ତା କରାଯାଉ । ଜାପାନୀ ଦ୍ରବ୍ୟ ଆମ ଦେଶରେ ଅନେକ ଯହିଁରେ ବ୍ୟାଟ୍ରୀ ଆଇସି, ମୋବାଇଲ ଫୋନ, ଇଲେକ୍ଟ୍ରନିକ ଖେଳନା ବ୍ୟବହାର ପ୍ରତି ଘରେ ଜଳୁଥିବା ବଲବ୍ ଏମିତି ଜିନିଷ ଏକ ପ୍ରକାର ଛୋଟ ଛୋଟ ଶିଳ୍ପରେ ପ୍ରସ୍ତୁତ ପୁଣି ଏମାନଙ୍କର ଛୋଟ ଶିଳ୍ପମାନେ ପରସ୍ପର ସହଯୋଗ ଏହାକୁ ନିର୍ମାଣ କରି ଅନେକ ଲୋକଙ୍କୁ ବୃତ୍ତିରେ ରଖି ପାରୁଛନ୍ତି । ସେ ଦେଶ ୧୯୪୫ ପରେ ସମୃଦ୍ଧ ହୋଇଛି । କେବଳ ପରସ୍ପର ସହଯୋଗ ତାଙ୍କର ମୂଳ ପୁଞ୍ଜିକୁ କାରିଗରୀ ଜ୍ଞାନ କୌଶଳ ତାଙ୍କର ଦୁଇ ପ୍ରୟୋଗାତ୍ମକ ବିଦ୍ୟା ଆମର କୌଳିକ ବୃତ୍ତି ରନ୍ଧ କରି ସମସ୍ତଙ୍କୁ ବେକାର କରାଯାଇଛି । ଶିକ୍ଷା ଖାଲି ଚାକିରୀ ପାଇଁ ଉଦ୍ଦିଷ୍ଟ । ନୂଆ ଛାଞ୍ଚରେ ଲୋକଙ୍କୁ ସେ ଦେଶ ପରି ଶିକ୍ଷା, କାରିଗରୀ ଜ୍ଞାନରେ ଦେଲେ ଶୀଘ୍ର ବେକାରୀ ହଟନ୍ତା । ଲୋକେ ସହଜରେ ଚଳି ପାରନ୍ତେ ନିଜ ଭିଟାମାଟି ଛାଡ଼ି ସ୍ଥାନାନ୍ତର ପସନ୍ଦ କରନ୍ତେ ନାହିଁ ପାରିବାରିକ ଜୀବନ ସୁଖପ୍ରଦ ହୁଅନ୍ତା । ଚାଷଜମି ଠିକ ଚାଷ ହୁଅନ୍ତା । ସରକାର ଯାନ୍ତ୍ରିକ ଦ୍ୱିଚକ୍ର ତ୍ରିଚକ୍ର ବାହାର କରି ଦ୍ୱିଚକ୍ର ସାଇକେଲକୁ ଆସ୍ତେ ଆସ୍ତେ ବନ୍ଦ କରି ଦେଲେ ତ୍ରିଚକ୍ର ରିକ୍ସା ସହରରେ କାଁ ଭାଁ ଟ୍ରାକ୍ଟର ଟ୍ରଲି ଲଗାଇ ମାଲବୁହା ଚାଲିଲାଣି । ଶଗଡ଼ ଅଦୃଶ୍ୟ, ହଳ ପାଇଁ ହଳ ଲଙ୍ଗଳ ମଇର ଦରକାର ନାହିଁ ଏଣୁ ବଳଦ ଆଉ ଦୃଶ୍ୟ ନୁହଁନ୍ତି । ଏସବୁ ପାଇଁ ପ୍ରଗତିର ବିରୁଦ୍ଧ ଆମେ ଚାହୁଁନା ଗ୍ରାମାଞ୍ଚଳ ମଟରସାଇକେଲ ସ୍କୁଟି ଅଟୋରିକ୍ସା ଟ୍ରାକ୍ଟର ପାୱାର ଟିଲର ପରି ଯାନ ମରାମତି ଶିକ୍ଷା ଦେଇ ଲୋକଙ୍କୁ ଏଥିରେ ବ୍ରତୀ କଲେ କଣ ବେକାରୀ ହଟିବ ନାହିଁ । ସମସ୍ତେ ଲୁଗା ଯାମା ପ୍ୟାଣ୍ଟ ପିନ୍ଧୁଛନ୍ତି । ଗାମୁଛା ବ୍ୟବହାର କରୁଛନ୍ତି ଏସବୁ ପ୍ରସ୍ତୁତି ନୂଆ ରୂପରେ କଣ ଗ୍ରାମରେ କରାଯାଇ ପାରିବ ନାହିଁ । କମାର କାମର ସଂସ୍କାରରେ ଗ୍ୟାସ ବିଦ୍ୟୁତର ଝଲେଇ କାମରେ କାରିଗର ସଂକ୍ଷିପ୍ତ ତାଲିମ ଦେଇ ଗ୍ରାମାଞ୍ଚଳର ଗୃହ ଉପକରଣ କଣ ପ୍ରସ୍ତୁତ କରି ହେବନାହିଁ? ଏମିତି ଅନେକ ଶିଳ୍ପ ମଧ୍ୟରେ କୃଷି ଜାତ ଦ୍ରବ୍ୟର ପ୍ରକ୍ରିୟାକରଣ । ଏହା ଗ୍ରାମେ ଗ୍ରାମେ କଣ ହୋଇପାରିବ ନାହିଁ ? ଏହାଦ୍ୱାରା ସରକାର କଣ ଟିକସ ପାଇବେ ନାହିଁ । ଶ୍ରମିକ ସମସ୍ୟା ତୁଟିବ ବେକାରୀ ସମସ୍ୟା ତୁଟିଯିବ ଏହା ଚିନ୍ତାଶୀଳମାନେ ଭାବନ୍ତୁ ।

‘ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସଫଳ ହାସ୍ୟ ସାହିତ୍ୟିକ ଫତୁରାନନ୍ଦ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ସାମସମୟିକ ଓଡ଼ିଆ ହାସ୍ୟ ସାହିତ୍ୟିକ ଫତୁରାନନ୍ଦ ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ଦୁଃଖୀ ଥିଲେ ହେଁ ଅନ୍ତରର ବେଦନାକୁ ଚାପି ସତେ ଯେପରି ଅନ୍ୟମାନଙ୍କୁ ହସାଇବାକୁ ଶପଥ ନେଇଥିଲେ ଏବଂ ସୃଷ୍ଟି କରିଥିଲେ ବହୁ ବ୍ୟଙ୍ଗ ସାହିତ୍ୟ । ତାଙ୍କର ପ୍ରକୃତ ନାମ ରାମଚନ୍ଦ୍ର ମିଶ୍ର । ଡାକ୍ତରୀ ପଢୁଥିବା ବେଳେ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିଲେ । ରୋଗ କବଳରୁ ମୁକ୍ତି ମିଳୁ ମିଳୁ ହରାଇଥିଲେ ଦୃଷ୍ଟି ଶକ୍ତି ଏବଂ ଆଜୀବନ ଅବିବାହିତ ରହି ପାଲଟିଥିଲେ ସାହିତ୍ୟ ସେବକ । ଏକ ସମୟରେ ସାହିତ୍ୟ ପ୍ରତି ତାଙ୍କର କୌଣସି ଆଗ୍ରହ ନଥିଲା । ସାହିତ୍ୟ ନାମ ଶୁଣିଲେ ବିତୃଷ୍ଣା ଆସିଯାଉଥିଲା । ସାହିତ୍ୟକୁ ଏକ ଅଲୋଡ଼ା, ଅଦରକାରୀ ବିଷୟ ଭାବୁଥିଲେ । ହେଲେ ଜୀବନର ମଧ ଭାଗରେ ସାହିତ୍ୟ ହିଁ ହୋଇଥିଲା, ତାଙ୍କର ଏକମାତ୍ର ଅବଲମ୍ବନ, ଯାହା କାଏମ ରହିଥିଲା ଜୀବନର ଶେଷ ଭାଗ ପର୍ଯ୍ୟନ୍ତ । ଫତୁରାନନ୍ଦଙ୍କ ଆତ୍ମଚରିତ ହେଉଛି ‘ମୋ ଫୁଟା ଡଙ୍ଗାର କାହାଣୀ’ । ଏଥିରେ ସେ ଲେଖିଛନ୍ତି, ସ୍କୁଲରେ ପଢୁଥିବା ବେଳେ ଶିକ୍ଷକଙ୍କ ବାଧବାଧକତାରେ ସେ ପଢ଼ିଥିବା ପ୍ରଥମ ସାହିତ୍ୟ ପୁସ୍ତକଟି ଥିଲା ଫକୀର ମୋହନ ସେନାପତିଙ୍କର ଛଅ ମାଣ ଆଠଗୁଣ୍ଠ । ତାହା ପୂର୍ବରୁ ରାମାୟଣ, ମହାଭାରତ, ତଅପୋଇ, ନୃସିଂହ ପୁରାଣ, ହରିବଂଶ, ଲକ୍ଷ୍ମୀପୂଜା ପଢ଼ିଥିଲେ । ଧର୍ମ ପୁସ୍ତକ ପଢ଼ିଲେ ଉତ୍ତମ ଭୋଜନ ମିଳୁଥିବାରୁ ସେ ଏସବୁ ବାରମ୍ବାର ପଢୁଥିଲେ । ଶ୍ରୀକୃଷ୍ଣ, ହନୁମାନ, ଭୀମ, ଅର୍ଜ୍ଜୁନ ଥିଲେ ତାଙ୍କର ଅତି ପ୍ରିୟ ପୌରାଣିକ ଚରିତ୍ର । ସ୍କୁଲରେ ପଢ଼ିବା ବେଳେ ସେ ଏକ ଗପ ଲେଖିଥିଲେ । ତାହା ସ୍କୁଲ ପତ୍ରିକା ଛାତ୍ରବନ୍ଧୁରେ ପ୍ରକାଶିତ ହୋଇଥିଲା । ମେଡ଼ିକାଲ ପଢ଼ା ସାରି ବ୍ୟାଧିଗ୍ରସ୍ତ ହୋଇ ଘରେ ବସିବା ବେଳେ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା । ପ୍ରଥମେ ଲେଖିଥିଲେ କବି ଲଢ଼େଇ ନାମକ ପଦ୍ୟ । ସେଇଟି ପ୍ରକାଶିତ ହୋଇଥିଲା ଡଗରରେ । ମେଡ଼ିକାଲରେ ପଢ଼ିବା ବେଳେ ଜଣେ ବନ୍ଧୁ ତାଙ୍କୁ ଫତୁରାନନ୍ଦ ନାମ ଦେଇଥିଲେ । କାଳେ ଜୀବନର ପ୍ରଥମ ପଦ୍ୟ ସମାଲୋଚିତ ହେବ, ଏହି ଭୟରେ ଲେଖକ ଭାବେ ଫତୁରାନନ୍ଦ ନାମଟିକୁ ବ୍ୟବହାର କରିଥିଲେ । ପଦ୍ୟଟି ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ଏବଂ ରାମଚନ୍ଦ୍ର ମିଶ୍ର ଫତୁରାନନ୍ଦ ନାମରେ ଲେଖକୀୟ ପରିଚିତି ଲାଭ କରିଥିଲେ । ଡଗର ମୁଦ୍ରଣାଳୟ ଓ ପତ୍ରିକା ସହ ସଂପର୍କ ତଥା କାନ୍ତିକବି ଲକ୍ଷ୍ମୀକାନ୍ତଙ୍କ ପ୍ରେରଣା ତାଙ୍କୁ ବଡ଼ ଲେଖକରେ ପରିଣତ କରିଥିଲା । ଲେଖକ ଜୀବନର ଆଦ୍ୟ ଭାଗରେ ସେ ଅରୁଚିକର ହାସ୍ୟ ପରିବେଷଣ କରି ଭାଣ୍ଡକବି ଭାବେ ଆଖ୍ୟାୟିତ ହୋଇଥିଲେ । ତେବେ ନିତମ୍ବ ବଂଶୀ କବିତାର ପ୍ରକାଶନ ପରେ ନିଜ ଲେଖାରୁ ରୁଚିହୀନତାକୁ ବାଦ ଦେଇଥିଲେ । ଏହି କବିତାରେ ରାଧା, କୃଷ୍ଣଙ୍କୁ ପଚାରୁଛନ୍ତି ହାତ ବଂଶୀ ବହୁତ ଶୁଣିଲିଣି । ବଡ଼ କପଟିଆ ତୁମେ । ନିତମ୍ବ ବଂଶୀ ଦିନେ ହେଲେ ଶୁଣାଇ ନାହଁ । ନ ଶୁଣାଇଲେ ଆଉ କଥା ହେବିନି । ତହୁଁ କୃଷ୍ଣ କହୁଛନ୍ତି ଥୟ ଧର ଆଜି ଅବଶ୍ୟ ଶୁଣାଇବି । ଏହା କହି ସେ ବାୟୁ ସୃଷ୍ଟିକାରୀ ବରା, ପିଆଜି, ପକୁଡ଼ି ଆଦି ପେଟ ପୁରା ଖାଇଲେ । କିଛି ସମୟ ପରେ ବିଭିନ୍ନ ଧ୍ୱନିଯୁକ୍ତ ଅଧୋବାୟୁମାନ ବାହାରିଲା । ଏହି କବିତାକୁ ଯିଏ ବି ପଢ଼ିବ, ହସିବା ସ୍ୱାଭାବିକ । ତେବେ, ଏ ଭଳି କବିତା ନ ଲେଖିବା ପାଇଁ ଦିନେ ହସି ହସି ତାଙ୍କୁ ଉପଦେଶ ଦେଇଥିଲେ ଲକ୍ଷ୍ମୀନାରାୟଣ ସାହୁ । ତାହା ପରଠାରୁ ସେ ରୁଚିହୀନ ବର୍ଜନ କରିଥିଲେ । ୧୯୧୫ ଜୁନ ୧ ତାରିଖରେ କଟକ ଝାଞ୍ଜିରିମଙ୍ଗଳାରେ ଜନ୍ମ ହୋଇଥିଲେ ଫତୁରାନନ୍ଦ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ରେଙ୍ଗା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ସେମିଳିଗୁଡା, (ମହାଭାରତ): କୋରାପୁଟ, ଜିଲ୍ଲା ସେମିଳିଗୁଡା ବ୍ଲକ ରେଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ପାଠ ପଢା ସହିତ ଅନ୍ୟ କ୍ଷେତ୍ରରେ ମଧ୍ୟ ନିଜର ଭବିଷତ କରିପାରିବେ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଅଜୟ କୁମାର ମିଶ୍ର , ସମ୍ମାନିତ ଅତିଥି ଭାବେ ସେମିଳିଗୁଡା ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟା ବେରୀୟା ,ଏସଏମସି ସଭାପତି ଶୁକ୍ରା ଚପାଡ଼ି, ଆର୍ ଜି ହାଇସ୍କୁଲ ପ୍ରଧାନ ଶିକ୍ଷକ ମଧୁସୂଦନ ଜେନା , ଉମୁରି ଉଚ୍ଚ ବିଦ୍ୟାଳୟ ଗୌରୀ ମାଝୀ , ରାଣିଗଡ ଆଶ୍ରମ ବିଦ୍ୟାଳୟ ଶଙ୍କର ପହରାଜ୍ , ସୁନାବେଡ଼ା ସେବା ଆଶ୍ରମ ଅମ୍ବିକା ରାଉତ , ସୁଣ୍ଡିପୁଟ ପ୍ରଧାନ ଶିକ୍ଷକ ବାସୁଦେବ ପୁରୋହିତ, ଚରାଙ୍ଗୁଲ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପ୍ରଧାନ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଖିଳ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିବା ସହିତ ପୌରୋହିତ୍ୟ କରିଥିଲେ । ସହକାରୀ ଶିକ୍ଷକ ତ୍ରିଲୋଚନ ନାୟକ , ପ୍ରଦ୍ୟୁମ୍ନ ବେହେରା, ଲୋପାମୁଦ୍ରା ସ୍ୱାଇଁ, ଅତିଥି ଶିକ୍ଷକ ଲକ୍ଷ୍ମୀଧର ବେହେରା, ସୌମ୍ୟ ରଂଜନ ବାରିକ ଉପସ୍ଥିତ ରହି ସହଯୋଗ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ଚଳିତ ବର୍ଷର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ପରେ ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମ ବଙ୍ଗ ରାଜ୍ୟର ଏକକ ମାତୃ ପରିବାର

ଗଜପତି, (ମହାଭାରତ) : ଆଜି ଗଜପତି ଜିଲ୍ଲାରୁ ୭୮ ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନନାଗା (ଓ.ପ୍ର.ସେ) ପୋଷ୍ୟ ସନ୍ତାନ ଭାବେ ପଶ୍ଚିମ ବଙ୍ଗ ରାଜ୍ୟର ଏକକ ମାତୃ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି। ଅବିବାହିତ ମାତାଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରଖାଯାଇଥିଲା। ପରବର୍ତ୍ତି ମୁହୁର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଯୋଗ୍ୟ ପରିବାର ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ପରିବାରଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ପରିବାର ଶାରିରୀକ ସ୍ତରରେ ଶିଶୁଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯାଞ୍ଚ କରିବା ପରେ ଆଜି ଶିଶୁଙ୍କୁ ଉକ୍ତ ପରିବାରଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଙ୍କର ବୟସ ୪ ମାସ, ଶିଶୁକନ୍ୟା ହୋଇଥିବାବେଳେ, ଶିଶୁଙ୍କୁ ପାଇ ଉକ୍ତ ପରିବାର ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ସଦସ୍ୟା ଶ୍ରୀମତୀ ମମତରାଣୀ ଶତପଥୀ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ଶ୍ରୀଯୁକ୍ତ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଝିଁକୁରକୁରେ ଚିପ୍ସ ଦେବା ନାଁରେ ଶିଶୁକୁ ଅପହରଣ ସହ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ମୁଖ୍ୟ ଅଭିଯୁକ୍ତ

ଗଜପତି, (ମହାଭାରତ) : ଏକ କୋମଳମତି ଶିଶୁକୁ କୁରକୁରେ ଚିପ୍ସ ଦେବା ନାଁରେ ଘରୁ ଅପହରଣ କରି ଦୁଷ୍କର୍ମ କରିବା ଭଳି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ମାନ୍ୟବର ଅତିରିକ୍ତ ଜିଲ୍ଲା ସେସନ ଜଜ ବିଭୁ ପ୍ରସାଦ ପଣ୍ଡା ପୋକ୍ସୋ ଆକ୍ଟର ଧାରା ୬ରେ ମୋହନା ଥାନା ଅନ୍ତର୍ଗତ ଭାଲିଆ ସାହିର ଅଭିଯୁକ୍ତ ବଳରାମ ନାୟକ ଓରଫ ବାଲା (୬୦ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ଛଅ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅପହରଣ ପାଇଁ ରହିଥିବା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୬୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷର ସଶ୍ରମ କାରାଦଣ୍ଡ ସହ ୧ହଜାର ଟଙ୍କା ଜୋରିମାନା ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ଦୁଇ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାରେ ବିଚାରପତି ନିଜ ରାୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପିଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ଚାରି ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିବା ସହ ଜୋରିମାନାର ସମ୍ପୂର୍ଣ୍ଣ ରାଶି ପିଡିତାଙ୍କୁ ଦେବା ନିମନ୍ତେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ୍ ପୃଥ୍ୱୀରାଜ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୨୮-୦୩-୨୦୨୪ରିଖ ଦିନ ସନ୍ଧ୍ୟା ସମୟରେ ଏତଲାକାରିଣୀ ମାଆ ଓ ତାଙ୍କ କୁନି ଝିଅ ଘର ପିଣ୍ଡାରେ ବସିଥିଲେ। ପରେ କୌଣସି କାମରେ ଘର ଭିତରକୁ ମାଆ ଜଣଙ୍କ ଚାଲିଯାଇଥିଲେ ଓ ଆସି ଦେଖିବାକୁ ପାଇଥିଲେ ଯେ, ତାଙ୍କ ଝିଅ ସେଠାରେ ଆଉ ନାହିଁ। ଚାରିଆଡେ ଖୋଜାଖୋଜି କରିବା ସମୟରେ ଖବର ପାଇଲେ ଯେ, ତାଙ୍କ ଝିଅଙ୍କୁ ଉକ୍ତ ଅଭିଯୁକ୍ତଜଣକ କୁରକୁରେ କିଣି ଦେବା ପାଇଁ ଏକ ଦୋକାନ ପାଖରେ ଝିଅକୁ ଧରିକି ଠିଆ ହୋଇଥିଲା। କିନ୍ତୁ ପରେ କୁଆଡେ ଗଲା ତା'ର ଖୋଜ ଖବର ନାହିଁ। ସନ୍ଦେହରେ ଚାରିଆଡେ ଖୋଜାଖୋଜି କରି ଯେତେବେଳେ ଗାଁ ଶେଷରେ ଥିବା ଟଟଙ୍ଗପଡ଼ା ପଥର ଥିବା ଲଟା ବୁଦା ଭିତରକୁ ଯାଇ ଦେଖିଲେ, ସେତେବେଳେ ସେ ସ୍ତବ୍ଧ ରହିଯାଇଥିଲେ। ସେ ସମୟରେ ମୁଦଲା ତାଙ୍କ କୋମଳମତି ଶିଶୁ କନ୍ୟାକୁ ନିର୍ବସ୍ତ୍ର କରି ତା' ଉପରେ ଅସଂଯତ ଅବସ୍ଥାରେ ବସି ରହିଥିଲା । ପରେ ସେ ଜୋରରେ ପାଟି କରିବାରୁ ଗାଁ ଲୋକ ସେଠାରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ସହ ଚେତାଶୂନ୍ୟ ଅବସ୍ଥାରେ ଝିଅଟିର ଉଦ୍ଧାର କରିଥିଲେ। ତେଣୁ ତାଙ୍କ ମାଆ କାଳ ବିଳମ୍ବ ନ କରି ଝିଅକୁ ଚିକିତ୍ସା ନିମନ୍ତେ ମୋହନା ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ତା ୨୯-୦୩-୨୦୨୪ରେ ମୋହନା ଥାନାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ସଙ୍ଗିନ ମାମଲା ଦାୟର କରିଥିଲେ ଯାହାକି ମାମଲା ନମ୍ବର ୭୪ ରେ ପଞ୍ଜିକୃତ ହୋଇଥିଲା। ମାମଲାର ଗମ୍ଭୀରତାକୁ ନଜରରେ ରଖି ସବ-ଇନ୍ସପେକ୍ଟର ଜୟନ୍ତୀ ପୂର୍ତ୍ତି ଉକ୍ତ ମାମଲାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଆଜି ୨୬ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ୧୭ଟି ଦସ୍ତାବିଜକୁ ଆଧାର କରି ସର୍ବଶେଷରେ ଏହି ଦୃଷ୍ଟାନ୍ତମୂଳକ ରାୟ ମାନ୍ୟବର ନ୍ୟାୟାଧୀଶ ଦେଇଛନ୍ତି।

# ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଇଫକୋ ଗସ୍ତ ଓ ବିଭିନ୍ନ ସମସ୍ୟାର ସମୀକ୍ଷା

ପାରାଦୀପ, (ମହାଭାରତ) : ଦିନିକିଆ ପାରାଦୀପ ଗସ୍ତ ସମୟରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଆଇଏଏସ୍, ଇଫକୋ ପାରାଦୀପର ବୋର୍ଡ ରୁମ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଥିଲେ।ସେଠାରେ ସେ ଇଉନିଟ୍ ହେଡ୍ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ପାରାଦୀପ ଅଞ୍ଚଳରେ ଚାଲୁଥିବା ପ୍ରମୁଖ ଶିଳ୍ପ ଓ ପ୍ରାଣାଳୀଗତ ପ୍ରକଳ୍ପମାନଙ୍କ ଅଗ୍ରଗତି ସମୀକ୍ଷା କରିଥିଲେ। ବିଶେଷକରି ଇଫକୋ, ପି ପି ଏଲ, ଜେ ଏସ ଡବ୍ଲୁ, ଏ ଏମ ଏନ୍ ଏସ ଇଣ୍ଡିଆ ସହିତ ଅଞ୍ଚଳର ଅନ୍ୟାନ୍ୟ ଶିଳ୍ପମାନେ ଯେଉଁ ସମସ୍ୟା ସମ୍ମୁଖୀନ ହେଉଛନ୍ତି, ସେସବୁ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ସେ ମୁଖ୍ୟତଃ ନିମ୍ନଲିଖିତ ବିକାଶମୂଳକ ପଦକ୍ଷେପମାନଙ୍କ ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ—

ଚା ସଡକ ଯୋଗାଯୋଗ ବ୍ୟବସ୍ଥାର ସୁଧାର





ଚା ଟାଉନଶିପ ଉନ୍ନୟନ

ଚା ହସ୍ପିଟାଲ ଅବସ୍ଥାପନା ବିକାଶ

ଚା ନୂତନ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ

ଚା ପ୍ରସ୍ତାବିତ ପାରାଦୀପ ବିମାନବନ୍ଦର ପ୍ରକଳ୍ପ

ଶିଳ୍ପଗୁଡ଼ିକ ଦ୍ୱାରା ଉଠାଯାଇଥିବା ବିଭିନ୍ନ ସମସ୍ୟାମାନଙ୍କୁ ସେ ଗଭୀରତାର ସହ ଆଲୋଚନା କରିଥିଲେ ଏବଂ ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିଥିଲେ। ଏହା ମାଧ୍ୟମରେ ରାଜ୍ୟ ସରକାରଙ୍କ ପକ୍ଷରୁ ପାରାଦୀପର ସମଗ୍ର ଶିଳ୍ପ ଉନ୍ନୟନ ପ୍ରତି ଅଟୁଟ ପ୍ରତିବଦ୍ଧତା ପୁନଃ ସ୍ପଷ୍ଟ ହୋଇଛି ।

ଏହି କାର?ୟକ୍ରମରେ ହାଉସିଂ ଓ ଅର୍ବନ ଡିଭେଲପମେଣ୍ଟ ବିଭାଗର ଅତିରିକ୍ତ ସଚିବ ଅରିନ୍ଦମ ଡାକୁଆ, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଜଗତସିଂହପୁର ପୋଲିସ ଅଧୀକ୍ଷକ ଅଙ୍କିତ କୁମାର ବର୍ମା ଓ ଇଫକୋ ପାରାଦୀପର ଇଉନିଟ୍ ହେଡ୍ ପି. କେ. ମହାପାତ୍ର ସହିତ ଅଞ୍ଚଳର ସମସ୍ତ ଶିଳ୍ପ ଏକକମାନଙ୍କ ମୁଖ୍ୟମାନେ ଉପସ୍ଥିତ ଥିଲେ।

## ସାରସ୍ୱତ ସାଧକ ଶ୍ୟାମ ସୁନ୍ଦର ରାଜଗୁରୁଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳିତ

ଗଜପିତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଓଡ଼ିଆ ଭଣ୍ଡାରୀ ସାହି ସ୍ଥିତ ଉତ୍କଳ ହିତୈଷିଣି ସମାଜ ସଭା ଗୃହରେ ସାରସ୍ୱତ ସାଧକ ଶ୍ୟାମ ସୁନ୍ଦର ରାଜଗୁରୁଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ଭାରତ ଭୂଷଣ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ଚରଣ ଦାଶ୍ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇ ଥିଲା।ସାରସ୍ୱତ ସାଧକ ଶ୍ୟାମ ସୁନ୍ଦର ରାଜଗୁରୁ ଜଣେ ପାରଦର୍ଶୀ ସାହିତ୍ୟିକ ତଥା ଭାଷାବିତ୍ ଭାବେ ଅଭିହିତ ଥିଲେ।

# ବାରକୋଟରେ କୃଷି ଆଉ ଟିଚ କ୍ୟାମ୍ପ

ଦେବଗଡ, .(ମହାଭାରତ) : ଦେବଗଡ଼ ଜିଲ୍ଲା ବାରକୋଟ ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ ଇଣ୍ଡିଆ ପକ୍ଷରୁ ୧୩/୨/ ତାରିଖରେ ବାରକୋଟ ବ୍ଲକ ର ବାସୁ ପାଲି ଖେଳ ପଡ଼ିଆରେ ଏକ ବିଶାଳ କୃଷି ଆଉଟ୍ରିଚ୍ କ୍ୟାମ୍ପ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ କୃଷକ, ସ୍ୱୟଂସାହାୟ୍ୟ ଗୋଷ୍ଠୀ (ଏସ ଏ ଚ୍ ଜି ) ସଦସ୍ୟ ଓ ସ୍ଥାନୀୟ ଲୋକମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଶ୍ରୀ ଦିବ୍ୟେନ୍ଦୁ କୁମାର, ଆଞ୍ଚଳିକ ମୁଖ୍ୟ, ସମ୍ବଲପୁର ଅଞ୍ଚଳ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ବିଭିନ୍ନ କୃଷି ଋଣ ଯୋଜନା ସମ୍ବନ୍ଧରେ ବିସ୍ତାରିତ ଅଲୋଚନା କରିଥିଲେ। ସେ କିସାନ୍ କ୍ରେଡିଟ୍ କାର୍ଡ (କେ ସି ସି), ଫସଲ ଋଣ, କୃଷି ଯନ୍ତ୍ରୀକରଣ ଋଣ, ଡେୟରି ଓ ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟକଳାପ ପାଇଁ ଋଣ, ଏବଂ ସରକାରୀ ପ୍ରୋତ୍ସାହନ ଯୋଜନା ବିଷୟରେ କୃଷକମାନଙ୍କୁ ସଚେତନ କରିଥିଲେ। ସେ କହିଥିଲେ ଯେ ସମୟୋଚିତ ଓ ସହଜ ଋଣ ସୁବିଧା କୃଷକମାନଙ୍କ ଆର୍ଥିକ ଉନ୍ନତିର ମୂଳ ଆଧାର। ଶ୍ରୀମତୀ ନିଧି ଶର୍ମା, ଚିଫ୍ ମ୍ୟାନେଜର, ସମାଜିକ ସୁରକ୍ଷା ଯୋଜନାମାନଙ୍କ ବିଷୟରେ ଅଲୋଚନା କରିଥିଲେ। ସେ



ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପି ଏମ ଯେ ଯେ ବି ଉ ଆ ଇ), ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପି ଏମ ଏସ ବି ଉ ଆ ଇ ), ଅଟଳ ପେନ୍ସନ୍ ଯୋଜନା (ଏ ପି ଉ ଆ ଇ) ଇତ୍ୟାଦି ବିଷୟରେ ଉପସ୍ଥିତ ଲୋକଙ୍କୁ ଜଣାଇ ଏହାର ଲାଭ ନେବାକୁ ଅନୁରୋଧ କରିଥିଲେ। ମିଶନ୍ ଶକ୍ତି, ଦେଓଗଡ଼ର ଡି ପି ସି ଶ୍ରୀ ଶିଶିର ସାରଙ୍ଗୀ ମଧ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱୟଂସାହାୟ୍ୟ ଗୋଷ୍ଠୀମାନଙ୍କ ପାଇଁ ସୁଧ ରିଆୟତ () ବିଷୟରେ ଉଦ୍ବୋଧନ ଦେଇଥିଲେ। ସେ ମହିଳାମାନଙ୍କୁ ଆତ୍ମନିର୍ଭର ହେବା ପାଇଁ ପ୍ରେରିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଶ୍ରୀ ଜ୍ୟୋତି ରଞ୍ଜନ (ଶାଖା ପ୍ରବନ୍ଧକ, ବମ୍ପର୍ଦା), ଶ୍ରୀ ଅକିଲ ବିହାରୀ ଦାସ (ଶାଖା ପ୍ରବନ୍ଧକ, ବାରକୋଟ), ଶ୍ରୀମତୀ ମଧୁସ୍ମିତା ଭୋଇ (ଶାଖା ପ୍ରବନ୍ଧକ, କନ୍ଧାଲ), ଶ୍ରୀ ସୁଶିଲ କେରକେଟା (ସିନିୟର ମ୍ୟାନେଜର, ଆଞ୍ଚଳିକ କାର୍ଯ୍ୟାଳୟ) ଓ ଶ୍ରୀ ଏସ୍. କେ. ବେହେରା (ସହାୟକ ପ୍ରବନ୍ଧକ) ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୪୦୦ଜଣ ଅଂଶଗ୍ରହଣକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଏହି ଅବସରରେ କୃଷକ ଋଣଗ୍ରାହୀମାନଙ୍କୁ ମୋଟ ?୬.୦୦ କୋଟି ଟଙ୍କାର ମଞ୍ଜୁରି ପତ୍ର ବଣ୍ଟନ କରାଯାଇଥିଲା।

ଏହି କ୍ୟାମ୍ପ ମାଧ୍ୟମରେ ବ୍ୟାଙ୍କ କୃଷକମାନଙ୍କ ଆର୍ଥିକ ସଶକ୍ତିକରଣ ଓ ଗ୍ରାମୀଣ ଉନ୍ନତି ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ କରିଛି।

## ହାତୀ ପାଇଁ ଅଟକି ରହିଲା ମାଲବାହୀ ଟ୍ରେନ

ଯୋଡା, (ମହାଭାରତ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ର ଯୋଡା ସେକ୍ସନ ର ବନ୍ଧୁଆ ବେଡ଼ା ଠାରେ ଗୁରୁବାର ଦିନ ୨୫ ହାତୀ ପଲ ରେଲ ଧାରଣା ଅତିକ୍ରମ କରିବା ବେଳେ ମାଲବାହୀ ଟ୍ରେନ ଅଟକି ରହିଥିଲା ।ଯୋଡା ବନ ପାଳ ତ୍ରିନାଥ ଜେନା ଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ,ଯୋଡା ସେକ୍ସନ ର ଗୁରୁବେଡ଼ା ଜଙ୍ଗଲ ରେ ୯ ଟି ହାତୀ ଓ ମହା ପର୍ବତ ଅଞ୍ଚଳରେ ୧୫ ଟି ହାତୀ ବିଚରଣ କରୁଛନ୍ତି ।ଏହି ୨୫ ଟି ହାତୀ ବନ୍ଧୁଆବେଡ଼ା ରେଳ ଧାରଣା ଦେଇ ଅତିକ୍ରମ କରୁଥିବା ବେଳେ ମାଲବାହୀ ଟ୍ରେନ ଟି ଅଟକି ରହିଥିଲା ।ଫଳରେ ଏକ ବଡ ଦୁର୍ଘଟଣା ବର୍ତ୍ତିଯାଇଥିଲା ।ଟ୍ରେନ ଚାଳକ ହାତୀ ପଲ ଧୀରେ ଧୀରେ ଅତିକ୍ରମ କରୁଥିବା ଦୂରରୁ ଦେଖି ପାରି ଟ୍ରେନ କୁ ଅଟକାଇ ରଖିଥିଲେ । ହାତୀମାନେ ଧୀରେ ଧୀରେ ଟ୍ରାକ୍ ପାର ହୋଇ ଜଙ୍ଗଲ ଆଡ଼କୁ ଯାଇଥିଲେ, ଯାହାଦ୍ୱାରା କୌଣସି ଦୁର୍ଘଟଣା ହୋଇନଥିଲା।ଏହି ଘଟଣା ପରେ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କୁ ନିରାପଦରେ ଜଙ୍ଗଲ ଭିତରକୁ ଫେରାଇବା ପାଇଁ ପ୍ରୟାସ ଜାରି ରଖି ଥିଲେ। ବନବିଭାଗ ଅଧିକାରୀମାନେ କହିଛନ୍ତି ଯେ, ଏହି ଅଞ୍ଚଳରେ ହାତୀ କରିଡର ଥିବାରୁ ଏପରି ଘଟଣା ପୂର୍ବରୁ ମଧ ଘଟିଛି, ମାତ୍ର ଟ୍ରେନ୍ ଚାଳକ ଓ ରେଳ କର୍ମଚାରୀଙ୍କ ସତର୍କତା ଯୋଗୁଁ ବଡ଼ ଦୁର୍ଘଟଣା ଏଡ଼ାଇ ଯାଇଛି।ସ୍ଥାନୀୟ ଅଞ୍ଚଳରେ ହାତୀ ପଲ୍ ବିଚରଣ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ବନବିଭାଗ ପକ୍ଷରୁ ଗ୍ରମବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ଏବଂ ହାତୀଙ୍କୁ ନିରାପଦରେ ଫେରାଇବା ପାଇଁ ନିୟମିତ ମନିଟରିଂ ଜାରି ରହି ଥିବା ବନ୍ ବିଭାଗ ସୂତ୍ରରୁ ଜଣାପଡିଛି ।

## ଦୁଇ ବାଇକ ଧକ୍କା : ୦୨ ମୃତ

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା କୋଟିନଡ଼ା ଥାନା ଅନ୍ତର୍ଗତ ଡିପଲ ସ୍କୁଲ ନିକଟରେ ଦୁର୍ଘଟଣା ଘଟି ୦୨ ଯୁବକ ମୃତ୍ୟୁ ହୋଇଛି କ୍ଷ ଆଜି ସଂଧ୍ୟା ସମୟରେ କୋଦଳା ଥାନା ଅନ୍ତର୍ଗତ ଦିଗାପଡା ପଂଚାୟତ ନାଉଳି ନିକଟ ଶ୍ରୀନିବାସପୁର ଗ୍ରାମ ର ବଳରାମ ଦାସ ର ପୁଅ ସାଗର ଦାସ (୨୮) ଏକ ବାଇକ ଯୋଗେ ନିଜ ଭଣଜାର ବାହାଘର ପାଇଁ ଆସିକା ନିକଟ ପାଟିଲିଗୁଡା ଗ୍ରାମକୁ ଗୁଆ କହିବା ପାଇଁ ଆସିଥିଲା । ଆସନ୍ତା ୨୫ ତାରିଖ ରେ ଭୋଜି କହି ଫେରିବା ବେଳେ ଡିପଲ ସ୍କୁଲ ନିକଟରେ ଦୁଇ ବାଇକ ମଧ୍ୟରେ ଦୁର୍ଘଟଣା ଘଟିଥିଲା । ସାଗର ଦାସ ଏକ ମୋଟର ସାଇକେଲ ଧରି ଆସିକା -କୋଦଳା ଅଭିମୁଖେ ଯାଉଥିବା ବେଳେ କଲେଜ ଛକ ପଟୁ ଆଉ ଏକ ମୋଟର ସାଇକେଲ ଆସିକା ଅଭିମୁଖେ ଆସୁଥିଲା । ଦୁର୍ଘଟଣା ସ୍ଥଳରେ ହିଁ ସାଗରର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିଲା ।

# ପୂର୍ତ୍ତ ବିଭାଗୀୟ ରାସ୍ତା କାର୍ଯ୍ୟକୁ ନେଇ ବଢୁଛି ଜନ ଅସନ୍ତୋଷ

କୁନ୍ଦୁରା, (ମହାଭାରତ) : କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ସାଗରଗୁଡା ଠାରୁ ଜୟପୁର ବୈପାରୀଗୁଡା ମୁଖ୍ୟ ରାସ୍ତା କୋଲାବ ନଦୀ ଛକ ପର୍ଯ୍ୟନ୍ତ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଅଧିନସ୍ଥ ରାସ୍ତା କାର୍ଯ୍ୟ କୁ ନେଇ କୁନ୍ଦୁରା ବ୍ଲକ ଅଞ୍ଚଳ ରେ ବଢ଼ି ଚାଲିଛି ଜନ ଅସନ୍ତୋଷ । ପୂର୍ତ୍ତ ବିଭାଗ ଦ୍ୱାରା ବିଗତ ଦୁଇବର୍ଷ ହେବ ସାଗରଗୁଡା ଠାରୁ ରାସ୍ତା କାର୍ଯ୍ୟ ପର୍ଯ୍ୟାୟ କ୍ରମେ ନିର୍ମାଣ ହୋଇ ଚାଲିଛି। ପ୍ରଧାନମନ୍ତ୍ରୀ ସଡ଼କ ଯଜନା କାର୍ଯ୍ୟ ରେ ଯେମିତି କାର୍ଯ୍ୟ ଆରମ୍ଭ ପୂର୍ବରୁ ରାସ୍ତା ନିର୍ମାଣ ର ସୂଚନା ଫଳକ ଲଗାଯାଏ ସେହିଭଳି ପୂର୍ତ୍ତ ବିଭାଗ ଦ୍ୱାରା କୌଣସି ସ୍ଥାନରେ ସୂଚନା ଫଳକ ଲଗାଯାଇନାହିଁ। ସାଗରଗୁଡା ଠାରୁ କୋଲାବ ନଦୀ ଛକ ପର୍ଯ୍ୟନ୍ତ ପ୍ରାୟ ୨୦ କିଲୋମିଟର ରାସ୍ତା ନିର୍ମାଣ କରାଯାଉଥିବା ବେଳେ କୁନ୍ଦୁରା ବ୍ଲକର ୪ ଟି ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ରାସ୍ତା କୋଲାବ ନଦୀ ସେତୁ ପର୍ଯ୍ୟନ୍ତ ନିର୍ମାଣ ହେଉଛି । ରାସ୍ତା କେତେ ପ୍ରଶସ୍ତ ରହିବା କଥା, କେଉଁ ସ୍ଥାନରେ ସୁରକ୍ଷା କାନ୍ଥ ନିର୍ମାଣ କରାଯିବା କଥା, କେଉଁଠି ରାସ୍ତା ସିଧା କରାଯିବା ର ଆବଶ୍ୟକତା ରହିଛି, କେଉଁଠି ରାସ୍ତା ଉପରେ ବଡ଼ ଗଛ ରହିଛି ତାକୁ କଟାଯିବାର ବ୍ୟବସ୍ଥା କରାଯିବା କଥା ଏବଂ କେଉଁଠି କଲଭର୍ଟ ନିର୍ମାଣ କରାଯିବା ଆବଶ୍ୟକ ରହିଛି ତାହା ତଦାରଖ କରିବା ସହ ରାସ୍ତା କାର୍ଯ୍ୟର



ମାନ ଅନୁସାରେ ରାସ୍ତା ନିର୍ମାଣ କରାଯିବା ପାଇଁ ତଦାରଖ କରିବାକୁ ପୂର୍ତ୍ତ ବିଭାଗୀୟ ଅଧିକାରୀ କେହି ମଧ୍ୟ ଆସୁନଥିବା ଅଞ୍ଚଳ ବାସୀ ଅଭିଯୋଗ କରୁଛନ୍ତି । ଦିଗାପୁର ପଶୁ ଚିକିତ୍ସାଳୟ ନିକଟ ଗ୍ରାମର ଆରମ୍ଭ ବାଲିଶିରା ନାଳ ରେ ରହିଥିବା ବ୍ରିଜ୍ ଟିକୁ ଭଙ୍ଗା ଯାଇ ଦୀର୍ଘ ୨ ମାସ ବିତିଯିବା ସତ୍ୱେ ବ୍ରିଜ ନିର୍ମାଣ ହୋଇପାରୁନାହିଁ । ପୂର୍ତ୍ତ ବିଭାଗ ଏବଂ କୁନ୍ଦୁରା ତହସିଲ କାର୍ଯ୍ୟାଳୟର ସମନ୍ୱୟ ଅଭାବ ଯୋଗୁଁ ଦୀର୍ଘ ବର୍ଷ ପରେ ନିର୍ମାଣ କାର୍ଯ୍ୟ ହେଉଥିବା ଏହି ପୂର୍ତ୍ତ ବିଭାଗୀୟ ରାସ୍ତା ବର୍ତମାନ ମନମୁଖି ଭାବେ କରାଯାଉଛି । କୋରାପୁଟ ଜିଲ୍ଲା ତଥା କୁନ୍ଦୁରା ବ୍ଲକର ଚାଷ ଏହି ଅଞ୍ଚଳର ଜୀବନ ରେଖା ହୋଇଥିବା ବେଳେ କୁନ୍ଦୁରା ବ୍ଲକର ପ୍ରାୟ ଶତାଧିକ ଚାଷୀଙ୍କ ପଟ୍ଟା ରହିଥିବା ଚାଷ ଜମି ରେ ରାସ୍ତା ନିର୍ମାଣ ନିମନ୍ତେ ସୁରକ୍ଷା କାନ୍ଥ ନିର୍ମାଣ କରାଯାଇଛି । ଯଦି ଚାଷୀଙ୍କ ପଟ୍ଟା ଥିବା ଚାଷ ଜମି ରେ ସୁରକ୍ଷା କାନ୍ଥ ନିର୍ମାଣ ହୋଇପାରୁଛି ତେବେ ଗାଁ ଗହଳିରେ ଏହି ପୂର୍ତ୍ତ ବିଭାଗୀୟ ରାସ୍ତା ନିୟମାନୁସାରେ ପ୍ରଶସ୍ତିକାରଣ କହିକି ହୋଇପାରୁନାହିଁ ବୋଲି ଅଞ୍ଚଳବାସୀଙ୍କ ଭିତରେ ଅସନ୍ତୋଷ ବଢ଼ି ଚାଲିଛି। କୁନ୍ଦୁରା ତହସିଲ କାର୍ଯ୍ୟାଳୟ ଅଧିକାରୀଙ୍କ ପକ୍ଷପାତିତା ଯୋଗୁଁ ଖାସ୍ ଦିଗାପୁର ଗ୍ରାମର ମୁଖ୍ୟ ଛକରେ ରାସ୍ତା ପ୍ରଶସ୍ତିକରଣ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି । ଅଞ୍ଚଳ ବାସୀଙ୍କ ଅଭିଯୋଗକୁ ଭିତ୍ତି କରି ଗତ ଦିନରେ ଦିଗାପୁର ପଞ୍ଚାୟତର ଜନପ୍ରତିନିଧି ମାନେ ଜୟପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥି ସହ ଦିଗାପୁର ଗ୍ରାମର ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ଥିବା ଚାଷଜମି ଯାହା ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ରହିଛି ସେହି ଚାଷ ଜମି ରେ ସୁରକ୍ଷା କାନ୍ଥ ( ଗାର୍ଡ ୱାଲ) ନିହାତି ନିର୍ମାଣ କରାଯିବା ପାଇଁ ଜନ ପ୍ରତିନିଧି ମାନେ ଲିଖିତ ଭାବେ ପୂର୍ତ୍ତ ବିଭାଗୀୟ ଅଧିକାରୀଙ୍କୁ ଏବଂ ସମ୍ପୃକ୍ତ ଠିକାଦାର ଙ୍କୁ ଦାବୀ ଜଣାଇଛନ୍ତି କିନ୍ତୁ ବିଭାଗୀୟ ଅଧିକାରୀଙ୍କ ତରଫରୁ କିମ୍ବା ସମ୍ପୃକ୍ତ ଠିକାଦାରଙ୍କ ତରଫରୁ କୌଣସି ତତ୍ପରତା ଦେଖିବାକୁ ମିଳିନଥିବା ଯୋଗୁଁ ଜନ ପ୍ରତିନିଧି ଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳିଛି। ସରକାରୀ ଯଜନା କାର୍ଯ୍ୟକାରୀ ହେବା ଭିତରେ ବିଭାଗୀୟ ଅଧିକାରୀ ଏବଂ ସମ୍ପୃକ୍ତ ଠିକାଦାର ଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଉକ୍ତ କାର୍ଯ୍ୟ ନିମ୍ନ ମାନର ହୋଇଯାଉଛି । ଯାହାକୁ ତଦାରଖ କରିବାକୁ କେହି ଆସୁନାହାନ୍ତି ବୋଲି ଜନ ପ୍ରତିନିଧି କହିଛନ୍ତି । ଏହି ରାସ୍ତା ନିର୍ମାଣ ପାଇଁ ସାଗରଗୁଡା ଗ୍ରାମର କିଛି ଘର କୁ ଚିହ୍ନଟ କରି ଭଙ୍ଗା ଗଲା, ତାରାପୁଟ ଗ୍ରାମର କିଛି ଘର ଏବଂ ଘସରଡା ଗ୍ରାମର ଗରିବ ଆଦିବାସୀଙ୍କ ଘର କୁ ଭାଙ୍ଗି ରାସ୍ତା ପ୍ରଶସ୍ତ କରି ନିର୍ମାଣ କରାଗଲା କିନ୍ତୁ ଦିଗାପୁର ଗ୍ରାମ ରେ ଏହି ନିୟମ ଲାଗୁ କରାଯାଇନାହିଁ କହିକି ? ଏଥିରେ କୁନ୍ଦୁରା ତହସିଲଦାର ଙ୍କ ଏବଂ ପୂର୍ତ୍ତ ବିଭାଗର କି ସ୍ୱାର୍ଥ ରହିଛି ବୋଲି କୁନ୍ଦୁରା ଅଞ୍ଚଳ ର ବରିଷ୍ଠ ମୂଳ ଆଦିବାସୀ ନେତା ପ୍ରଶ୍ନ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ରାସ୍ତାରେ ଆସୁଥିବା ଗ୍ରାମ ଗୁଡିକରେ ଯେମିତି ଆଦିବାସୀଙ୍କ ଘର ଦ୍ୱାର ଭାଙ୍ଗି ରାସ୍ତା ପ୍ରଶସ୍ତ କରାଗଲା ସେମିତି ଦିଗାପୁର ଗ୍ରାମରେ ରାସ୍ତା ପ୍ରଶସ୍ତ କରାଯାଉନାହିଁ କାହିଁକି ? ଜାଗା ଦେଖି ଏବଂ ଲୋକ ଦେଖି ନିୟମ ବଦଳି ଯାଉଛି କି ବୋଲି ମୂଳ ଅଧିବାସୀ ସଙ୍ଘ ପ୍ରଶ୍ନ କରିଥିବା ଦେଖିବାକୁ ମିଳିଛି। ଏହି ବିଷୟକୁ ଗୁରୁତ୍ତର ଭାବେ ନେଇ ଆଗାମୀ ଦିନରେ ମୂଳ ଅଧିବାସୀ ସଙ୍ଘ ସ୍ୱର ଉତ୍ତଳନ କରିବ ବୋଲି କହିଛନ୍ତି ସଙ୍ଘ କାର୍ଯ୍ୟକର୍ତା। ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପରେ ଦିଗାପୁର ଗ୍ରାମ ନିକଟର ରାସ୍ତା ପ୍ରଶସ୍ତିକରଣ କରାଯିବା ପାଇଁ ଆଞ୍ଚଳିକ ଜନ ପ୍ରତିନିଧି ଲିଖିତ ଭାବେ ଅନୁରୋଧ ପୂର୍ଣ୍ଣ ଦାବୀ କରିଛନ୍ତି । ଯେହେତୁ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପରେ ଜୟପୁର ଏବଂ ଜୟନଗର ଭଳି ଜନ ଗହଳି ପୂର୍ଣ୍ଣ ସ୍ଥାନ ରେ ରାସ୍ତା ପ୍ରଶସ୍ତି କରଣ ହୋଇପାରିଛି ଏହାକୁ ଆଧାର କରି ଦିଗାପୁର ଗ୍ରାମ ଦେଇ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗୀୟ ରାସ୍ତା ପ୍ରଶସ୍ତ ହୋଇପାରିବ ବୋଲି ଆଞ୍ଚଳିକ ଜନ ପ୍ରତିନିଧି ଦାବୀ ଜଣାଇଥିବା କହିଛନ୍ତି । ଦାବୀ ଜଣାଇବାର ଦୀର୍ଘ ମାସ ବିତିଯାଇଥିବା ପରେ ମଧ୍ୟ ଉପଜିଲ୍ଲାପାଳଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଯୋଗୁଁ ଜନ ପ୍ରତିନିଧିଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି । ଆଞ୍ଚଳିକ ଜନ ପ୍ରତିନିଧି ଏବଂ ଅଞ୍ଚଳ ବାସୀଙ୍କ ଦାବୀ କୁ ଗୁରୁତ୍ୱ ଦିଆଯାଇ ନିର୍ଦ୍ଧାରିତ ଆବୋଧି ଭିତରେ ( ବର୍ଷା ଦିନ ପୂର୍ବରୁ ) ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ କି ନାହିଁ ବୋଲି ଲୋକଙ୍କ ଭିତରେ ସଂଶୟ ସୃଷ୍ଟି ହୋଇଚାଲିଛି ।

## ଦୁଇ ବାଇକ ମୁହାଁ ମୁହିଁ ଧକ୍କା ୦୨ ମୃତ

ଆସିକା (ମହାଭାରତ) ଗଞ୍ଜାମ ଜିଲ୍ଲା କୋଟିନଡ଼ା ଥାନା ଅନ୍ତର୍ଗତ ଡିପଲ ସ୍କୁଲ ନିକଟରେ ଦୁର୍ଘଟଣା ଘଟି ୦୨ ଯୁବକ ମୃତ୍ୟୁ ହୋଇଛି । ଆଜି ସନ୍ଧ୍ୟା ସମୟରେ କୋଦଳା ଥାନା ଅନ୍ତର୍ଗତ ଦିଗାପଡା ପଞ୍ଚାୟତ ନାଉଳି ନିକଟ ଶ୍ରୀନିବାସପୁର ଗ୍ରାମ ର ବଳରାମ ଦାସଙ୍କ ପୁଅ ସାଗର ଦାସ ( ୨୮ ) ଏକ ବାଇକ ଯୋଗେ ଆସନ୍ତା ୨୫ ତାରିଖରେ ନିଜ ଭଣଜା ର ବାହାଘର ନିମନ୍ତ୍ରଣ ପାଇଁ ଆସିକା ନିକଟ ପାଟିଲିଗୁଡା ଗ୍ରାମକୁ ଆସିଥିଲା । ନିମନ୍ତ୍ରଣ କହି ସାଗର ଦାସ ନିଜ ମୋଟର ସାଇକେଲ ରେ ନିଜ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ଆସିକା ଡିପଲ ସ୍କୁଲ ନିକଟରେ କଲେଜ ଛକ ପଟୁ ଆସିକା ଅଭିମୁଖେ ଆସୁଥିବା ଆସିକା ପଡାଳ ଗ୍ରାମର ଚିତ୍ରସେନ ନାହାକଙ୍କ ପୁଅ ବାଦଲ ନାହାକ ( ୨୫ ) ଙ୍କ ମୋଟର ସାଇକେଲ ସହ ମୁହାଁ ମୁହିଁ ଧକ୍କା ହୋଇଥିଲାୟ ଦୁର୍ଘଟଣା ସ୍ଥଳରେ ହିଁ ସାଗର ର ମୃତ୍ୟୁ ହୋଇଥିବା ବେଳେ ବାଦଲର ଅବସ୍ଥା ଗୁରୁତର ହୋଇଥିଲା । ଖବର ପାଇ କୋଟିନଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ଆଣିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ଦୁଇ ଜଣଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପୋଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ରଖିବା ସହ ଦୁର୍ଘଟଣା ସ୍ଥଳରୁ ଦୁଇ ଗୋଟି ବାଇକ ଜବତ କରିଥିବା ଜଣାପଡିଛି ।

## ରାୟଗଡ଼ାରେ ବିଭିନ୍ନ ସ୍ଥାନରେ ପୁଣି ଲାଗିଲା ମାଓ ପୋଷ୍ଟର

ରାୟଗଡ଼ା-ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଡ଼ାଗୁଡା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାର ଗୁଡା ଛକ ନିକଟରେ ମାଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ଏହି ପୋଷ୍ଟରଟି ସିପିଆଇ ମାଓବାଦୀ ପକ୍ଷରୁ ଲେଖାଯାଇଥିବା ନେଇ କୁହାଯାଇଛି ।ତେବେ ଏଥିରେ ସ୍ପଷ୍ଟ ଭାବେ ଲେଖାଯାଇଛି ଯେ, ସବ୍ୟସାଚୀ ପଣ୍ଡା, ଆଜାଦ, ଉଦୟ ଓ ନିଖିଲ ଏମାନେ କେବେ ଆଦିବାସୀ ନଥିଲେ । ଆଦିବାସୀଙ୍କୁ ନକ୍ସଲରେ ରଖି ଅତ୍ୟାଚାର କରୁଥିଲେ । ଏହାକୁ ଜବାବ ଦେବାକୁ ରାଜ୍ୟ ସମ୍ପାଦକ ମେଘଜାନୀଓ ଡମ୍ବାଇ ମାଝୀ ଓ ମାଓ ସଂଗଠନ ପ୍ରସ୍ତୁତ ଅଛି ବୋଲି ଲେଖାଯିବା ସହିତ ଲାଲ ସଲାମ ଲେଖାଯାଇଛି। ଆଦିତ୍ୟ ବିଲା କମ୍ପାନୀ କେବିକେ ଅଞ୍ଚଳର ଲୋକଙ୍କୁ ଶୋଷଣ କରୁଥିଲେ ମଧ୍ୟ ସରକାର ନୀରବ ରହୁଛନ୍ତି। ତେଣୁ କମ୍ପାନୀକୁ ବିରୋଧ କରୁଥିବା ନେଇ ମଧ୍ୟ ଉଲ୍ଲେଖ କରାଯାଇଛି ।ଏହା ସହିତ ରାୟଗଡା ବ୍ଲକ ବାଇସିଙ୍ଗ ପଞ୍ଚାୟତ ଅନ୍ତର୍ଗତ ଧୁମାଗୁଡ଼ା ବସଷ୍ଟପ ନିକଟରେ ମଧ୍ୟ ଏହି ମାଓ ପୋଷ୍ଟର ଲାଗି ଥିବା ଦେଖିବା କୁ ମିଳିଛିୟ।

## ପି ଏମ ଶ୍ରୀ ମଧଖଣ୍ଡ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ଦଶପଲ୍ଲା,(ମହାଭାରତ): ପି ଏମ ଶ୍ରୀ ମଧଖଣ୍ଡ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦର ମହଲରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ପ୍ରଧାନଙ୍କ ତ□ାବଧାନରେ ଉତ୍ସବର ଶୁଭାରମ୍ଭ ହୋଇଥିଲାୟ ଏଅବସରରେ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡାଚେତନା ଓ ଶୃଙ୍ଖଳାର ଗୁରୁତ୍ୱ ବିଷୟରେ ଉଦବୋଧନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ନରସିଂହପୁରର ପ୍ରାକ୍ତନ ଅଧ୍ୟକ୍ଷ କୁଳମଣି ବାରିକି ଉପସ୍ଥିତ ରହି ଶିକ୍ଷା ସହ କ୍ରୀଡାର ସମନ୍ୱୟ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ସହାୟକ ବୋଲି ମତ ପ୍ରକାଶ କରିଥିଲେ ।ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ଡ଼ଃ ପ୍ରଫୁଲ୍ଲ କୁମାର ସାହୁ, ମଧଖଣ୍ଡ ଗ୍ରାମପଞ୍ଚାୟତର ସରପ□ଞ୍ଚସସ୍ମିତା ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ନାୟକ ମଞ୍ଚାସୀନ ଥିଲେ ।କ୍ରୀଡା ଉତ୍ସବରେ ଦୌଡ଼, ଲମ୍ବ ଜମ୍ପ, ଉଚ୍ଚ ଜମ୍ପ ସହ ବିଭିଓ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲାୟ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶେଷରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ମା ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ପିତୃ ପୂଜନ ଉତ୍ସବ ପାଳିତ



କୃଷ୍ଣପ୍ରସାଦ ୧୫.୨. (ମହାଭାରତ ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ।ରେ ମା ସରସ୍ୱତୀ ଶିଶୁ ମନ୍ଦିର ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ସପ୍ତଦଶ ବାର୍ଷିକ ଉତ୍ସବ ରେ ଅଞ୍ଚଳ ର ବିଶିଷ୍ଟ ବ୍ୟକ୍ତି ରାମଚନ୍ଦ୍ର ବୈରୀଗଞ୍ଜନ ସଭାପତିତ୍ୱ କରିଥିଲେ ।ମାନସିଂହ ସାହିତ୍ୟ ସଂସଦ ର ସଭାପତି ଶିକ୍ଷାବିତ ବିଷ୍ଣୁ ପ୍ରସାଦ ଦଳେଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେୟ ମୁଖ୍ୟଅତିଥି ଭାବେ ଯୁବ ସାମାଜିକ କର୍ମୀ ତଥା ଅବସର ପ୍ରାପ୍ତ ସୈନିକ ଦୀପକ କୁମାର ଜେନା କୁନି କୁନି ପିଲା ମାନେ ହେଉଛନ୍ତି ଦେଶର ଭବିଷ୍ୟତ ଶିଶୁ ମନ୍ଦିର ରେ ସେମାନେ ନିଜକୁ ଭଲ ମଣିଷ ଭାବେ ଗଢି ତୋଳିବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷା ବିକାଶ ର ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଶୋଇ ଯୋଗଦେଇ ଉତ୍ତମ ଶିକ୍ଷା ଅର୍ଜନ କରି ଦେଶ ଜାତୀ ର ମାନ ରଖିବା ପାଇଁ କହିଥିଲେ। ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେୟ ଅନ୍ୟ ମାନଙ୍କ ମଧ୍ୟରେ ମଥୁରା ମଠକ୍ଷଧୀଶ ସୁନ୍ଦର ରାମଦାସ ମହାରାଜ, ଶିକ୍ଷାବିତ ବ୍ରଜ କିଶୋର ଗୌଡ଼, ସଦାନନ୍ଦ ଗୌଡ଼, ପୂର୍ବତନ ସରପ□ ଅଜୟ କୁମାର ବିଶ୍ୱାଳ ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ଓଡିଶା ମୂଖ୍ୟ ଶାସନ ସଚିବ ଅନୁ ଗର୍ଗ ଙ୍କ ପାରାଦୀପ ଗସ୍ତ

## ବନ୍ଦରର କାର୍ଯ୍ୟ ଓ ଅଭିବୃଦ୍ଧି ସହ ବ୍ଲୁ ଫ୍ଲାଗ ବିଚ ଯୋଜନାର ସମୀକ୍ଷା



ପାରାଦୀପ, (ମହାଭାରତ): ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଆଇଏଏସ୍, ଶୁକ୍ରବାର ଦିନ ଏକ ଦିନିକିଆ ଗସ୍ତ ରେ ଆସି ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର କାର୍ଯ୍ୟ ଏବଂ ଦୀର୍ଘକାଳୀନ ସମ୍ପ୍ରସାରଣ ଯୋଜନା ସମୀକ୍ଷା କରିଥିଲେ । ଏହି ଅବସରରେ ବନ୍ଦର ନିଷିଦ୍ଧାଞ୍ଚଳ ରେ ଥିବା ୱେଟ ବେସିନ ଠାରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ତାଙ୍କୁ ସ୍ୱାଗତ କରିଥିଲେ ଏବଂ ସିଆଇଏସଏଫ ୟୁନିଟ୍ ଦ୍ୱାରା ତାଙ୍କୁ ଏକ ଉତ୍ସବୀ। ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସେ ବର୍ଥ ପ୍ରସ୍ତୁତି, ଜାହାଜ ଟ୍ରାଫିକ୍ ପରିଚାଳନା ପ୍ରଣାଳୀ ଏବଂ ସାମୁଦ୍ରିକ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଏକ ଲ□ରେ ଯାତ୍ରା କରିଥିଲେ। ଆଲୋଚନା ସମୟରେ, ମୁଖ୍ୟ ଶାସନ ସଚିବ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ଲକ୍ଷ୍ୟ ରଖି ଓଡ଼ିଶାର ମହତ୍ୱାକାଂକ୍ଷୀ ଅର୍ଥନୈତିକ ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ସେ ରପ୍ତାନି, ଜାହାଜ ନିର୍ମାଣ ଏବଂ ବନ୍ଦର-ନେତୃତ୍ୱାଧୀନ ବିକାଶ ଓ ଅଭିବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଓଡ଼ିଶାର ଉପକୂଳକୁ ଏକ ରଣନୈତିକ ଲାଭ ଭାବରେ ଉଲ୍ଲେଖ କରିଥିଲେ। ସେ ପାରାଦୀପ ବନ୍ଦର ୨.୦ ଦୃଷ୍ଟିକୋଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ୫୦୦ ଏମଟିପିଏ ଅତିକ୍ରମ କରିବା, ପଶ୍ଚିମ ଡକ୍ ଗଭୀର କରିବା ଏବଂ ଏକ ଉତ୍ସର୍ଗୀକୃତ ସବୁଜ ହାଇଡ୍ରୋଜେନ୍ ବର୍ଥ ବିକାଶ ଅନ୍ତର୍ଭୁକ୍ତ ।ସେହିପରି ପ୍ରକୃତିର ବିରଳ ଅବଦାନ ବଙ୍ଗୋପସାଗର ଉପକୂଳର ପାରାଦୀପ ଠାରୁ ୭ କିଲୋମିଟର ସମୁଦ୍ର କୂଳ ବେଳାଭୂମିରେ ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ ଉପରେ ମୂଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମୀକ୍ଷା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ କିଲୋମିଟର ପାଇଁ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ ସମସ୍ତ ପ୍ରୟାସ ଜାରି ରହିଛି। ଏହା ସହିତ ବିଭିଓ କୋଣରୁ ପାରାଦୀପର ମୁନିସିପାଲିଟି ହେଉ କିମ୍ବା ବନ୍ଦରନଗରୀର ବିକାଶ ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଙ୍କ ସହିତ ବିଭିଓ ଶିଳ୍ପସଂସ୍ଥାମାନଙ୍କ ସହ ବିସ୍ତୃତ ଆଲୋଚନା କରାଯିବା ନେଇ ମଧ୍ୟ ସୂଚନା ଦେଇଛନ୍ତି । ପାରାଦୀପ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ ହେବାପରେ ପର୍ଯ୍ୟଟନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନା କରିବା ସହିତ ଗୋଆ ବିଚ୍ ଭଳି ପାରାଦୀପ ବେଳାଭମିକୁ ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ଆଗମନ ହେବୟ ଯାହା ଫଳରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ସ୍ଥାନୀୟ ଲୋକେ ସ୍ୱାବଲମ୍ବୀ ହେବା ସହିତ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଦେଶ ବିଦେଶରେ ସୁନାମ ଅର୍ଜନ କରିବ ।ରାଜ୍ୟ ସରକାର ଯେଉଁଭଳି ପୁରୀ, ପାରାଦୀପ ଓ ଭୁବନେଶ୍ୱରକୁ ଇକୋନୋମିକାଲ କରିଡର ନିର୍ମାଣ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ଏହା ପାରାଦୀପ ବିକାଶରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଏହି ଅବସରରେ ଜଗତସିଂପୁରର ଜିଲ୍ଲାପାଳ ଜେ.ସୋନାଲ, ଆଇଏଏସ୍, ଏବଂ ଜଗତସିଂପୁରର ପୋଲିସ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଆଇପିଏସ ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ମୂଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଙ୍କ ସହିତ ଆଲୋଚନାରେ ଯୋଗ ଦେଇଥିଲେ।

## ଇଫକୋରେ ମୁଖ୍ୟ ସଚିବଙ୍କ ସମୀକ୍ଷା ବୈଠକ



ପାରାଦୀପ(ମହାଭାରତ) ପାରାଦୀପକୁ ଦିନିକିଆ ଗସ୍ତରେ ଆସିଥିବା ଓଡିଶା ସରକାରଙ୍କ ମୂଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଇଫକୋ ପାରାଦୀପ ୟୁନିଟ ବୋର୍ଡ ରୁମରେ ଶୁକ୍ରବାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଥିଲେ ଏବଂ ୟୁନିଟ୍ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେ ପ୍ରମୁଖ ଶିଳ୍ପ, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ ଇଫକୋ ପାରାଦୀପ, ପିପିଏଲ, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ଏଏମଏନଏସ ଏବଂ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ଶିଳ୍ପ ୟୁନିଟ୍ ପରି ଶିଳ୍ପଗୁଡ଼ିକ ସମ୍ମୁଖୀନ ହେଉଥିବା ବିଭିଓ ସମସ୍ୟା ର ସମୀକ୍ଷା କରିଥିଲେ। ମୁଖ୍ୟ ସଚିବ ସଡ଼କ ସଂଯୋଗୀକରଣ, ସହରାଞ୍ଚଳ ବିକାଶ, ହସ୍ପିଟାଲ ଭିତ୍ତିଭୂମି, ନୂତନ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ଏବଂ ପାରାଦୀପରେ ପ୍ରସ୍ତାବିତ ବିମାନବନ୍ଦର ସମେତ ପ୍ରମୁଖ ବିକାଶମୂଳକ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। ଶିଳ୍ପଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ସେମାନଙ୍କର ତ୍ୱରିତ ସମାଧାନ ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଥିଲା, ଯାହା ପାରାଦୀପର ସାମଗ୍ରିକ ଶିଳ୍ପ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା। ଅତିରିକ୍ତ ଶିଳ୍ପ ସଚିବ ଅରିନ୍ଦମ ଡାକୁଆଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ,ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ,ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଏବଂ ଇଫକୋ ପାରାଦୀପ ୟୁନିଟ ମୂଖ୍ୟ ପି.କେ.ମହାପାତ୍ର, ୟୁନିଟ୍ ମୁଖ୍ୟ ଏବଂ ସମସ୍ତ ଶିଳ୍ପ ମୁଖ୍ୟ ଉପସ୍ଥିତ ଥିଲେ ।

## କଲେଜ୍ ଛାତ୍ରୀ ଙ୍କୁ କମେଣ୍ଟ ମାରି ବନ୍ଧା ହେଲା ଯୁବକ

ବାଲିପାଟଣା,(ମହାଭାରତ) ଛାତ୍ରୀଙ୍କୁ କମେଣ୍ଟ କରି ଗଛରେ ବନ୍ଧାହେଲା ଅଶ୍ଳୀଳ ଇଙ୍ଗିତ କରି ପାନେ ପାଇଲା ରୋଡ୍ ରୋମିଓ ।ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ଆଶାଳୀନ ବ୍ୟବହାର କରି ଗଛରେ ବନ୍ଧା ହେଲା ରୋଡ୍ ରୋମିଓ ।ସୂଚନା ମୁତାବକ,ବାଲିପାଟଣା ଥାନା ମାଣିକ ସାହିର କିଛି କଲେଜ ଛାତ୍ରୀ କେନାଲ ବନ୍ଧ ରାସ୍ତାରେ ନିମାପଡ଼ା ସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରକୁ ପଢିବାକୁ ଯାଉଥିଲେ ।ପୂର୍ବରୁ ଜଣେ ଯୁବକ ପଦ୍ମପୁର ନିକଟରେ ଲୁଚି ରହିଥିଲା ।ଛାତ୍ରୀ ମାନଙ୍କୁ ଦେଖି ଯୁବକ ଜଣକ ଅଶ୍ଳୀଳ ଇଙ୍ଗିତ କରିବା ସହ ଦୁର୍ବ୍ୟବହାର କରିଥିଲା । ଛାତ୍ରୀ ମାନେ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ ଅଭିଯୁକ୍ତ ଲୋକଙ୍କୁ ଦେଖି ବିଲରେ ଦୌଡ଼ି ଥିଲା। ପରେ ଲୋକେ ତାକୁ କାବୁ କରି ଗଛରେ ବାନ୍ଧିଥିଲେ। ପରେ ପୋଲିସ ଘଟଣା ସ୍ଥଳରେ ପହ□ଞ୍ଚିଥାନାରେ ଅଟକ ରଖିଛି। ଅଭିଯୁକ୍ତ ଜଣକ ନିମାପଡ଼ା ଥାନା ହଂସପଡା ନାୟକ ସାହିର ହେମନ୍ତ ନାୟକ ବୋଲି ନିଜ ପରିଚୟ ଦେଇଛି ।ତେବେ ଏଠି ପ୍ରଶ୍ନ ଉଠୁଚି ଏହି ରୋଡ୍ ରୋମିଓ ବାରମ୍ବାର ଛାତ୍ରୀ ମାନଙ୍କୁ ଏକୁଟିଆ ଦେଖି ଆଶାଳୀନ ବ୍ୟବହାର କରୁଥିବା ଛାତ୍ରୀ ମାନେ ଅଭିଯୋଗ କରିଛନ୍ତି ।ବାରମ୍ବାର ବାଲିପାଟଣା ଥାନା ଅଞ୍ଚଳ ରେ କଲେଜ ଛାତ୍ରୀ ମାନଙ୍କୁ ରୋଡ ରୋମିଓ ମାନେ ଅଶ୍ଳିଳ ଇଙ୍ଗିତ କରିବା,ନିଶା ସେବନ କରି ରାଜ ରାସ୍ତାରେ ଦୃତ ଗତିରେ ଗାଡି ଚଳାଇ ବା ଓ ଖୋଲମ୍ ଖୁଲା ନିଶା ସେବନ କରିବା ବାଲିପାଟଣା ପୋଲିସ୍ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ବାଲିପାଟଣା ପୋଲିସ ସେମିତି କିଛି ଆଖି ଦୃଷ୍ଟିଆ ପଦକ୍ଷେପ ନେଇ ପାରୁନଥିବା ଯୋଗୁଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିଜେପି ର ଜନ ଜାଗରଣ ଅଭିଯାନ

ଦଶପଲ୍ଲା, (ମହାଭାରତ): ଭାରତୀୟ ଜନତା ପାର୍ଟୀ ।ଣିଗୋଛା ମଣ୍ଡଳ ସଭାପତି ପୂର୍ଣ୍ଣ ନାୟକ ଙ୍କ ସଭାପତିତ୍ୱରେ ଗୁରୁବାର ଦିନ ଭିଭି ଜୀ ରାମ ଜୀ ସମ୍ମିଳନୀ କାର୍ଯ୍ୟକ୍ରମ କୁଲୁରୁ କୁମ୍ପା କଲ୍ୟାଣୀ ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି ।ସେହିଭଳି ଶୁକ୍ରବାର ଦିନ ସରିଗଣ୍ଡା ମଣ୍ଡଳ ବିଜେପି କାର୍ଯ୍ୟ କର୍ତ୍ତା ଙ୍କୁ ନେଇମଣ୍ଡଳ ସଭାପତି ଶ୍ରୀ ମାନସ ରଞ୍ଜନ ନାୟକ ଙ୍କ ସଭାପତିତ୍ୱରେ ଭିଭି ଜୀ ରାମ ଜୀ ଅଭିଯାନ ସମ୍ମିଳନୀ କାର୍ଯ୍ୟକ୍ରମ କୁଆଁରୀଆ ନିକଟସ୍ଥ ମା କୁମାରୀଶ୍ୱରୀ ମନ୍ଦିର କଲ୍ୟାଣୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମ ରେ ଡବଲ ଇଂଜିନ ସରକାର ଙ୍କ ଯୋଜନା ବିଷୟରେ ଉପସ୍ଥିତ ମଂଚସୀନ ଅତିଥି ଗଣ ବକ୍ତବ୍ୟ ରଖିଥିଲେ ।ଭିଭି ଜୀ ରାମ ଜୀ ବିଷୟରେ ଆଲୋକ ପାତ କରିବା ସହିତ ଉପସ୍ଥିତ କାର୍ଯ୍ୟକର୍ତ୍ତା ଙ୍କୁ ମାର୍ଗ ଦର୍ଶନ ଦେଇଥିଲେ ।କାର୍ଯ୍ୟକ୍ରମ ରେ ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ , ସାଧାରଣ ସମ୍ପାଦକ ନୟାଗଡ଼ ବିଜେପିର ପର୍ଶୁରାମ ସ୍ୱାଇଁ ,ଉପ ସଭାପତି ନୟାଗଡ଼ ବିଜେପି ଜ୍ଞାନ ରଞ୍ଜନ ସାହୁ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ପୂର୍ବତନ ମଣ୍ଡଳ ସଭାପତି କିଶୋର ଚନ୍ଦ୍ର ଦଳବେହେରା,ସମ୍ପାଦକ ସନ୍ତୋଷ ବାରିକ, ବିଦେଶୀ ମଳିକ, ପୋଖରୀ ଗୋଛା ସରପ□ ସିମନ୍ତ ନାୟକ , ପୋଖରୀଗୋଛା ସମିତି ସଭ୍ୟ ବାପୁଜୀ ସାହୁ , ଶିମିଳି ସାହି ସରପଞ୍ଚ ସଞ୍ଜୟ ପଟନାୟକ , ପୋଖରୀ ଗୋଛା ନାଏବ ସରପଞ୍ଚ ଶାନ୍ତିଲତା ବେହେରାଙ୍କ ସହିତ ସମସ୍ତ ମଣ୍ଡଳ କାର୍ଯ୍ୟ କର୍ତ୍ତା ସମସ୍ତ ପଂଚାୟତ ପ୍ରମୁଖ, ସମସ୍ତ ବୁଥସଭାପତି ଓ ଜବ କାର୍ଡ ଧାରୀ ଉପସ୍ଥିତ ଥିଲେ ।ଶ୍ରୀ ଦଳବେହେରା କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ।ଣିଗୋଛା ମଣ୍ଡଳ ସଭାପତି ପୂର୍ଣ୍ଣ ନାୟକ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ,ଓଡ଼ିଶା,ଗଜପତି ଶାଖାର ଜିଲ୍ଲା ବୈଠକ ଅନୁଷ୍ଠିତ

ପାରଳାଖେମୁଣ୍ଡି:- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଅନ୍ତର୍ଗତ ମହେନ୍ଦ୍ର ତନୟା ସାହିତ୍ୟ ସଂସଦର ଜିଲ୍ଲା ବୈଠକ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟା ଡ଼ଃ କଲ୍ୟାଣୀ ମିଶ୍ରଙ୍କ ବାସଭବନରେ ସଭାପତି ଶ୍ରୀମତୀ ଆଶାଲତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର ତନୟା ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ସ୍ୱର୍ଗତ ଅରକ୍ଷିତ ଜେନାଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ବୈଠକରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶାର ପୁନଃର୍ଗଠନରେ ଡ଼ଃ କଲ୍ୟାଣୀ ମିଶ୍ରଙ୍କୁ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟା ଓ ରାଜେନ୍ଦ୍ର କୁମାର ରଥଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିବାରୁ ଗଜପତି ଶାଖା ତରଫରୁ ଦୁଇ ଜଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ମହେନ୍ଦ୍ର ତନୟା ସାହିତ୍ୟ ସଂସଦର ପୁନଃର୍ଗଠନ କରାଯାଇଥିଲାୟ ଶ୍ରୀମତି ଆଶାଲତା ପାଣିଗ୍ରାହୀ, ସଭାପତି, ଶ୍ରୀ ମନୋଜ କୁମାର ପଣ୍ଡା, ଉପ ସଭାପତି, ସରୋଜ କୁମାର ପଣ୍ଡା, ସମ୍ପାଦକ, ଶ୍ରୀ ମନୋଜ କୁମାର ପଟ୍ଟନାୟକ ଯୁଗ୍ମ ସମ୍ପାଦକ, ଶ୍ରୀମତି ସ୍ନିଗ୍ଧା ମିଶ୍ର ଯୁଗ୍ମ ସମ୍ପାଦିକା, ଶ୍ରୀ ଗୌରହରି କରସୁଧା ପଟ୍ଟନାୟକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏଥି ସହିତ ଚାରିଗୋଟି ବିନ୍ଦୁ ଯଥା ଲୋକ ସାହିତ୍ୟ ବିଭାଗର ସଂଯୋଜିକା ଭାବେ ଶ୍ରୀମତି ମୀନା କୁମାରୀ ଟହଲ, ଅନୁବାଦ ସାହିତ୍ୟ(ହିନ୍ଦି) ସଂଯୋଜିକା ଭାବେ ଶ୍ରୀମତି ସଙ୍ଗୀତା ପାତ୍ର, ଶିଶୁ ସାହିତ୍ୟ ସଂଯୋଜିକା ଭାବେ ଶ୍ରୀମତି ବବିତା ପୁରୋହିତ, ସାହିତ୍ୟ ପରିକ୍ରମା ସଂଯୋଜିକା ଭାବେ ସୁଶ୍ରୀ ଅଞ୍ଜନା ପଟ୍ଟନାୟକ, ପାଠାଗାର ବ୍ୟବସ୍ଥା ପାଇଁ ଶ୍ରୀ ମୂରଲୀଧର ପରିଚ୍ଛା ମନୋନୀତ ହୋଇଥିଲେ। ବୈଠକରେ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ସାହିତ୍ୟ ସଂସଦର କଳେବର ବୃଦ୍ଧି ନିମନ୍ତେ ନୂତନ ସଦସ୍ୟଙ୍କୁ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା

# ନୂଆପଡା ମାରାଗୁଡ଼ା ଲୋକମହୋତ୍ସବ-୨୦୨୬ ପାଇଁ ପ୍ରସ୍ତୁତି ବୈଠକ




ଖାଡ଼ିଆଳ:(ମହାଭାରତ)ନୂଆପଡା ଜିଲ୍ଲାର କଳା ସାହିତ୍ୟ ସଂସ୍କୃତିର ମହାପାର୍ବଣ ମାରାଗୁଡ଼ା ଲୋକମହୋତ୍ସବ-୨୦୨୬ କୁ ମହାସମାରୋହରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଆସନ୍ତା ଏପ୍ରିଲ ୧ତାରିଖ ରୁ ୫ ତାରିଖ ଯାଏଁ ପା□ ଦିନ ଧରି ମହା ଧୂମଧାମ ରେ ପାଳନ କରାଯିବାର ସ୍ଥିରକୃତ କରାଯାଇଛି । ବୈଠକରେ ନୂଆପଡା ବିଧାୟକ ଜୟ ଢୋଲକିୟା, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ଦୀପିକା ଦିପ,ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜି ନାୟକ, ଉପଜିଲ୍ଲାପାଳ ସୁରମୀ ସୋରେନ, ନୂଆପଡା ବ୍ଲକ ଅଧକ୍ଷା ଶ୍ରୀମତୀ ତାରେଶ୍ୱରୀ ସାହୁ , କୋମନା ବ୍ଲକ ଅଧକ୍ଷା ଶ୍ରୀମତୀ ଅନୁସୂୟା କୁମ୍ଭାର , ଖଡିଆଳ ବ୍ଲକ ଅଧକ୍ଷା ଶ୍ରୀମତୀ ପୁଷ୍ପାଞ୍ଜଳୀ ନନ୍ଦ, ଖରୀଆର ରୋଡ ଏନ୍ ଏ ସି ଅଧକ୍ଷା ଡଃ ସୋନିଆ ଜୈନ ଙ୍କ ସମେତ ବିଭିଓ ଲୋକପ୍ରତିନିଧି, ସମାଜର ବିଭିଓ ବର୍ଗର ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ, କଳାକାର, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।ସଭା ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ଗତ ବର୍ଷର ମାରାଗୁଡ଼ା ଲୋକମହୋତ୍ସବର ବିବରଣୀ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ମାରାଗୁଡ଼ା ଲୋକମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆସନ୍ତା ଏପ୍ରିଲ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନେସନାଲ କଲେଜ ପଡିଆରେ ଆୟୋଜନ କରିବାକୁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ଅତିଥିଗଣ ଓ ଜିଲ୍ଲାର ବିଭିଓ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ମହୋତ୍ସବ ଉପରେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଲୋକମହୋତ୍ସବକୁ ସୁଚାରୁ ଓ ସଫଳ ଭାବେ ପାଳନ କରିବା ପାଇଁ ୧୩ଟି କମିଟି ଗଠନ କରାଗଲା। ସେଗୁଡିକ ହେଲା- ଉପଦେଷ୍ଟା କମିଟି, ଅଭ୍ୟର୍ଥନା କମିଟି, ବି□ କମିଟି, ପ୍ରଦର୍ଶନୀ କମିଟି, ଖାଦ୍ୟ କମିଟି, ବାସ କମିଟି, ମଞ୍ଚ ପରିଚାଳନା କମିଟି, ପ୍ରଚାର ପ୍ରସାର କମିଟି, ସୁରକ୍ଷା ଓ ନିରାପ□ା କମିଟି, ପରିମଳ କମିଟି, ସାଂସ୍କୃତିକ କମିଟି, ସ୍ମରଣିକା କମିଟି ଓ ବୌଦ୍ଧିକ କମିଟିୟ ପ୍ରତ୍ୟେକ କମିଟିକୁ ନିଜ ନିଜ ଦାୟିତ୍ୱ ସୁଚାରୁ ଭାବେ ପାଳନ କରିବାକୁ ଦାୟିତ୍ୱ ଦିଆଗଲା ।ଜିଲ୍ଲାପାଳ ଲୋକମହୋତ୍ସବକୁ ଜିଲ୍ଲାର ଗୌରବମୟ ପରମ୍ପରା ଓ ସଂସ୍କୃତିର ପ୍ରତିକ ଭାବେ ବିବେଚନା କରି ସମସ୍ତ ଲୋକପ୍ରତିନିଧି, ନୂଆପଡାବାସୀ, ସରକାରୀ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସମନ୍ୱୟ ଓ ସହଯୋଗ କାମନା କରିଥିଲେ। ଏହି ପ୍ରସ୍ତୁତି ବୈଠକକୁ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ରମେଶ କୁମାର ମହରା ଆୟୋଜନ କରିଥିବା ବେଳେ କବି ଗୌରାଙ୍ଗ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାର୍ଲଫ୍ରେଣ୍ଡ ସହ ପାର୍ଟି ସାରି ଫେରୁଥିଲା ଦ୍ୱାଦଶ ଛାତ୍ର, ୬ ଜଣଙ୍କୁ ଚାପିଦେଲା



ଲକ୍ଷ୍ନୌ : ଲକ୍ଷ୍ନୌରେ ଛାତିଥରା ଦୁର୍ଘଟଣା । ୬ ଜଣଙ୍କୁ ଚାପିଦେଲା ଦ୍ୱାଦଶ ଶ୍ରେଣୀ ଛାତ୍ର । ଗାର୍ଲଫ୍ରେଣ୍ଡ୍ ସହ ଫେୟାରୱେଲ୍ ପାର୍ଟି ସାରି ଫେରିବା ବେଳେ ଘଟାଇଲା ଭୟଙ୍କର ଦୁର୍ଘଟଣା । ତେବେ ଦୁର୍ଘଟଣା ଘଟାଇବା ପରେ ଛାତ୍ର ଜଣଙ୍କ ଫେରାର୍ ହୋଇଯାଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ କାନପୁର ରୋଡ୍ ସ୍ଥିତ ହନୁମାନ ମନ୍ଦିର ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ର କାରରେ ଗାର୍ଲଫ୍ରେଣ୍ଡ୍ ସହ ଫେୟାରୱେଲ୍ ପାର୍ଟି ସାରି ଫେରିବା ବେଳେ ଏକ ଅଟୋକୁ ଧକ୍କା ଦେଇ ୬ ଜଣଙ୍କ ଉପରେ ଗାଡି ଚଢାଇ ଦେଇଥିଲା । ଏହି ଦୁର୍ଘଟଣାରେ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ଜଣେ ୬ ବର୍ଷର ଶିଶୁର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସେପଟେ ଦୁର୍ଘଟଣା ଘଟାଇ ନାବାଳକ ଗାର୍ଲଫ୍ରେଣ୍ଡକୁ ଗାଡିରୁ ଓହ୍ଲାଇ ଦେଇ ଫେରାର୍ ହୋଇଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ କରି ତଦନ୍ତ ଆରମ୍ଭ କରିଛି । ପୋଲିସ ତଦନ୍ତ କରି ନାବାଳକ ଛାତ୍ରକୁ ଗିରଫ କରିଛି । ପୋଲିସ ଗାର୍ଲଫ୍ରେଣ୍ଡକୁ ପଚରାଉଚରା କରି କାର୍ ସହିତ ଫେରାର ନାବାଳକକୁ ଗିରଫ କରିଛି । ତେବେ ଏହି ଦୁର୍ଘଟଣା ଯୋଗୁଁ ଅନେକ ପରିବାର ଗଭୀର ଦୁଃଖରେ ରହିଛି ।

## ବେଙ୍ଗାଲୁରୁରେ ମର୍ମନ୍ତୁଦ ସଡକ ଦୁର୍ଘଟଣା, ୭ ମୃତ



ବେଙ୍ଗାଲୁରୁ : ଆଜି ସକାଳୁ ସକାଳୁ ବେଙ୍ଗାଲୁରୁ ରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ବେଙ୍ଗାଲୁରୁ ହୋସକୋଟ-ଦାବାସପେଟ୍ ରାଜପଥରେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ଏକ ବାଇକ୍, ଏକ କାର ଏବଂ ଏକ କ୍ୟାଣ୍ଟର ଟ୍ରକ୍ ମଧ୍ୟରେ ହୋଇଥିବା ଯୋଗୁଁ ଏହି ଦୁର୍ଘଟଣା ହୋଇଥିବା ସୂଚନା ମିଳିଛି । କାରରେ ଯାତ୍ରା କରୁଥିବା ଛଅ ଜଣ ଯାତ୍ରୀ ଏବଂ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି ।

ସୂଚନାନୁଯାୟୀ, ହୋସକୋଟରୁ ଦେବନାହଲ୍ଲି ଯାଉଥିବା ଏକ କାର ମୋଟରସାଇକେଲକୁ ପଛ ପଟୁ ଧକ୍କା ଦେଇଥିଲା । ପ୍ରଥମ ଧକ୍କା ହେବା ପରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ । ଯାହା ଫଳରେ ଗାଡ଼ିଟି ଏକ କ୍ୟାଣ୍ଟର ସହିତ ଧକ୍କା ହୋଇଥିଲା । ଅନ୍ୟ କାରଟି ମଧ୍ୟ ସେହି ସମୟରେ ଧକ୍କା ଦେଇଥିଲା । ଫଳରେ କାରରେ ଥିବା ୬ ଜଣ ଏବଂ ଜଣେ ବାଇକ୍ ଡ୍ରାଇଭରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ସମସ୍ତ ମୃତକ ବେଙ୍ଗାଲୁରୁର ବାସିନ୍ଦା ବୋଲି ପ୍ରାଥମିକ ସୂଚନାରୁ ଜଣା ପଡ଼ିଛି । ପରେ ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ହୋସାକୋଟ ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏଥିସହ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଫୁଟ୍‌ପାଥ୍‌ରେ ଗାଡ଼ି ଚଲାଇବା ପଡ଼ିଲା ମହଙ୍ଗା: ସ୍କୁଟର ଆରୋହୀଙ୍କୁ ଅଟକାଇ ପାନେ ଦେଲେ ବୃଦ୍ଧା



କେରଳ, ୧୩।୨ : ଟ୍ରାଫିକ୍ ଜାମ୍‌ରୁ ବଞ୍ଚିବା ପାଇଁ ଫୁଟ୍‌ପାଥ୍‌ରେ ସ୍କୁଟର ଚଲାଇବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡ଼ିଛି । କେରଳର କୋଝିକୋଡ ଅଞ୍ଚଳରେ ଜଣେ ବୃଦ୍ଧା ନିଜର ସାହସିକତା ପ୍ରଦର୍ଶନ କରି ଜଣେ ସ୍କୁଟର ଆରୋହୀଙ୍କୁ ଫୁଟ୍‌ପାଥ୍ ବ୍ୟବହାର କରିବାରୁ ଅଟକାଇବା ସହ ତାଙ୍କୁ ମୁଖ୍ୟ ରାସ୍ତାକୁ ଫେରିବାକୁ ବାଧ କରିଛନ୍ତି । ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଏରଞ୍ଜିପାଲମ ଟ୍ରାଫିକ୍ ସିଗନାଲ୍ ନିକଟରେ ଜଣେ ବ୍ୟକ୍ତି ଟ୍ରାଫିକ୍‌କୁ ଏଡ଼ାଇବା ପାଇଁ ପଥଚାରୀଙ୍କ ଉଦ୍ଦିଷ୍ଟ ଫୁଟ୍‌ପାଥ୍ ଉପରେ ସ୍କୁଟର ଚଲାଇବାକୁ ଚେଷ୍ଟା କରୁଥିଲେ । ସେହି ସମୟରେ ଜଣେ ବୃଦ୍ଧା ମହିଳା ସେଠାରେ ଚାଲି ଚାଲି ଯାଉଥିଲେ । ସେ ସ୍କୁଟରଟିକୁ ଦେଖିବା ମାତ୍ରେ ନିଜ ଗୋଡ଼କୁ ଗାଡ଼ି ସାମ୍ନାରେ ରଖି ବାଟ ଓଗାଳିଥିଲେ । ବୃଦ୍ଧା ଜଣକ ସ୍ପଷ୍ଟ ଭାବେ କହିଥିଲେ ଯେ ଫୁଟ୍‌ପାଥ୍ କେବଳ ପଥଚାରୀଙ୍କ ପାଇଁ, ଗାଡ଼ି ଚଲାଇବା ପାଇଁ ନୁହେଁ । ଯେତେବେଳେ ସ୍କୁଟର ଆରୋହୀ ଜଣକ ସେଠାରୁ ହଟିବାକୁ ମନା କଲେ, ମହିଳା ଜଣକ ନିଜ ଫୋନ୍ ବାହାର କରି ଘଟଣାର ଭିଡିଓ ରେକର୍ଡ କରିବା ଆରମ୍ଭ କରିଥିଲେ । ଶେଷରେ ବାଧ ହୋଇ ସ୍କୁଟର ଆରୋହୀ ଜଣକ ଗାଡ଼ିକୁ ପଛକୁ ନେଇ ମୁଖ୍ୟ ରାସ୍ତାକୁ ଫେରିଥିଲେ ।

ଭାଇରାଲ୍ ଭିଡିଓରେ ଅନେକ ବ୍ୟକ୍ତି ମହିଳାଙ୍କୁ ଚିହ୍ନଟ କରିଛନ୍ତି । ସେ କାଲିକଟ୍ ?ର କ୍ୟାପଟେନ ଲକ୍ଷ୍ମୀ ହଷ୍ଟେଲର ପୂର୍ବତନ ୱାର୍ଡେନ ପ୍ରଭା ଆଣ୍ଟି ବୋଲି ଜଣାପଡ଼ିଛି । ସେଠାରେ ରହୁଥିବା ଛାତ୍ରୀମାନେ ତାଙ୍କୁ ଜଣେ ଶୃଙ୍ଖଳିତ ମାତ୍ର ସ୍ନେହୀ ମହିଳା ଭାବେ ବର୍ଣ୍ଣନା କରିଛନ୍ତି ।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଓ ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନକୁ ନେଇ ହୋହଲ୍ଲା, ମାର୍ଚ୍ଚ ୯ ପର୍ଯ୍ୟନ୍ତ ସଂସଦ ମୁଲତବୀ

ନୂଆଦିଲ୍ଲୀ: ବଜେଟ ଅଧିବେଶନର ପ୍ରଥମାର୍ଦ୍ଧ ଶୁକ୍ରବାର ଶେଷ ହୋଇଛି । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନକୁ ନେଇ ବଜେଟ ଅଧିବେଶନର ପ୍ରଥମ ଭାଗରେ ପ୍ରବଳ ହୋହଲ୍ଲା ଓ ହଟ୍ଟଗୋଳ ଦେଖାଯାଇଥିଲା । ଶୁକ୍ରବାର ଅଧିବେଶନ ଆରମ୍ଭ ହେବା କ୍ଷଣି ହୋହଲ୍ଲା ଚାଲିଥିବାବେଳେ ଉଭୟ ଗୃହକୁ ଆସନ୍ତା ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଶୁକ୍ରବାର ସଂସଦ ପରିସରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି କରି ବିରୋଧୀ ସାଂସଦମାନେ ସ୍ଲୋଗାନ



ଦେଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ଲୋକସଭାରେ ହରିଦ୍ୱାରର ପୂର୍ବତନ ସାଂସଦ ଭଗବାନଦାସ ରାଠୋରଙ୍କ ପରଲୋକରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ୍ ନିରବ ପାଳନ କରାଯାଇଥିଲା ।

ମାର୍ଚ୍ଚ ୯ରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହେଲେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ବିଶେଷାଧିକାର ହନନ ପ୍ରସ୍ତାବ ଆଗତ କରିପାରେ । ବିଶେଷାଧିକାର ହନନ ପ୍ରସ୍ତାବ ନେଇ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ବାକ୍ ଯୁଦ୍ଧ ଏବଂ ଆରୋପ ପ୍ରତ୍ୟାରୋପ ଚାଲିଛି । ସୂଚନାଯୋଗ୍ୟ, ବଜେଟ ଆଲୋଚନା ବେଳେ ରାହୁଲ ଗାନ୍ଧୀ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଓ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କରିଥିବା ଟିପ୍ପଣୀକୁ ନେଇ ବିଜେପି ବିଶେଷାଧିକାର ହନନ ଭାବେ ଗ୍ରହଣ କରୁଛି । ଏପର୍ଯ୍ୟନ୍ତ ବିଜେପି ଏହି ପ୍ରସ୍ତାବ ଆଣିବ କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ । କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପିୟୂଷ ଗୋୟଲ ଓ କୃଷି ମନ୍ତ୍ରୀ ଶିବରାଜ ସିଂହ ଚେ ?ହାନ ବିରୋଧୀ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଭାରତ- ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ମିଥ୍ୟା ପ୍ରଚାର କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଶୁକ୍ରବାର ସେମାନେ ଦାବି କରିଥିଲେ ଯେ, ଏହି ବୁଝାମଣା ଦ୍ୱାରା ସମ୍ପୂର୍ଣ୍ଣ କୃଷକଙ୍କ ହିତରେ ରହିଛି । ଉଭୟ ଗୋୟଲ ଓ ଶିବରାଜ 'ଏକ୍ସ'ରେ ପୋଷ୍ଟ କରି ରାହୁଲଙ୍କୁ ଅଭ୍ୟାସଗତ ମିଛୁଆ ଓ ସେ କୃଷକଙ୍କ ସଶକ୍ତୀକରଣ ହେଉ ବୋଲି ଚାହୁଁନଥିବା କହିଛନ୍ତି ।

## ଦିଲ୍ଲୀର କେତେକ ସ୍କୁଲକୁ ବୋମା ଧମକ, ତଦନ୍ତ ଆରମ୍ଭ କରିଛି ପୋଲିସ




ନୂଆଦିଲ୍ଲୀ : ଦିଲ୍ଲୀର କେତେକ ସ୍କୁଲକୁ ପୁଣି ବୋମା ଧମକ ଖବର ସାମ୍ନାକୁ ଆସିଛି । ସ୍କୁଲ ପ୍ରଶାସନ ପକ୍ଷରୁ ପୋଲିସକୁ ଏହି ଧମକ ସମ୍ପର୍କରେ ସୂଚନା ମିଳିବା ପରେ ସୁରକ୍ଷା ଏଜେନ୍ସିଗୁଡିକୁ ହାଇ ଆଲର୍ଟରେ ରଖାଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସୂଚନାନୁଯାୟୀ, ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଦିଲ୍ଲୀ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍କୁଲ ପରିସରକୁ ଘେରାବନ୍ଦୀ କରାଯାଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପୋଲିସ ଟିମ୍ ସମେତ ବୋମା ନିଷ୍କ୍ରିୟକାରୀ ଦଳ ଏବଂ କୁକୁର ଟିମ୍ ପକ୍ଷରୁ ସ୍କୁଲ ପରିସରର ସମ୍ପୂର୍ଣ୍ଣ ତଲାସୀ କରାଯାଇଥିଲା । ଆପଣଙ୍କୁ ଜଣାଇ ରଖୁଛୁ ଯେ, ପୂର୍ବରୁ ଦକ୍ଷିଣ ଦିଲ୍ଲୀର ଅନେକ ସ୍କୁଲକୁ ମଧ୍ୟ ବୋମା ଧମକ ମିଳିଥିଲା । କିନ୍ତୁ ତଦନ୍ତରୁ କିଛି ସନ୍ଦେହଜନକ ଜିନିଷ ମିଳିନଥିଲା । ପୂର୍ବରୁ ବୋମା ଧମକ ପାଇଥିବା ସ୍କୁଲଗୁଡ଼ିକ ମଧ୍ୟରେ ଲୋରେଟୋ କନଭେଣ୍ଟ ସ୍କୁଲ ଦିଲ୍ଲୀ କେଣ୍ଟ, କେମ୍ବ୍ରିଜ ସ୍କୁଲ ଶ୍ରୀନିବାସନ ପୁରୀ, ଭେଙ୍କଟେଶ୍ୱର ସ୍କୁଲ ରୋହିଣୀ, କେମ୍ବ୍ରିଜ ସ୍କୁଲ ଏନ୍‌ଏଫସି, ଇଣ୍ଡିଆନ୍ ସ୍କୁଲ ସାଦିକ୍ ନଗର, ସିଏମ ଶ୍ରୀ ରୋହିଣୀ, ଡିଟିଏ ସ୍କୁଲ ଆଇଏନଏ, ବାଲ୍ ଭାରତୀ ସ୍କୁଲ ରୋହିଣୀ, ବନସ୍ଥଳୀ ସ୍କୁଲ ଏବଂ ନ୍ୟୁ ରାଜେନ୍ଦ୍ର ନଗର ସାମିଲ ଥିଲା ।

ସେପଟେ ଅନ୍ୟ ରାଜ୍ୟର ସ୍କୁଲଗୁଡ଼ିକୁ ମଧ୍ୟ ବୋମା ଧମକ ମିଳିଛି । ରାଜସ୍ଥାନର ଜୟପୁରର ମାନସରୋବର ଅଞ୍ଚଳର ମଡର୍ଣ୍ଣ ବିଦ୍ୟାଳୟକୁ ବୁଧବାର ଦିନ ବୋମା ଧମକ ଇମେଲ୍ ମିଳିଥିଲା । ପଞ୍ଜାବ ମୋହାଲିର ୧୬ଟି ଘରୋଇ ସ୍କୁଲକୁ ମଧ୍ୟ ବୋମା ଧମକ ଇମେଲ୍ ମିଳିଥିଲା । ଫଳରେ ସ୍କୁଲଗୁଡ଼ିକୁ ତୁରନ୍ତ ଖାଲି କରିବାକୁ କୁହାଯାଇଥିଲା । କିନ୍ତୁ ତଦନ୍ତ ପରେ ମଧ୍ୟ କୌଣସି ସ୍ଥାନରେ କିଛି ବିସ୍ଫୋରକ ଜିନିଷ ମିଳିନଥିଲା । ଏହି ସମୟରେ ପାଟନା ସିଭିଲ୍ କୋର୍ଟକୁ ଗତ ତିନି ଦିନ ମଧ୍ୟରେ ବୋମା ଧମକ ମିଳିଛି । ହେଲେ ତଦନ୍ତରେ କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ ।

## ବାଂଲାଦେଶର ଭବିଷ୍ୟତ ପ୍ରଧାନମନ୍ତ୍ରୀଙ୍କୁ କାହିଁକି ବଙ୍ଗଳାରେ ଶୁଭେଚ୍ଛା ଜଣାଇଲେ ମୋଦି

ଢାକା : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଂଲାଦେଶ ସଂସଦୀୟ ନିର୍ବାଚନରେ ବିଏନପି ଅଧ୍ୟକ୍ଷ ତାରିକ ରହମାନଙ୍କୁ ତାଙ୍କ ବିପୁଳ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ ଏହି ବିଜୟ ବାଂଲାଦେଶବାସୀଙ୍କ ତାଙ୍କ ନେତୃତ୍ୱ ପ୍ରତି ବିଶ୍ୱାସକୁ ପ୍ରତିଫଳିତ କରୁଛି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ବଙ୍ଗଳା ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, 'ବାଂଲାଦେଶ ସଂସଦୀୟ ନିର୍ବାଚନରେ ବିଏନପିକୁ ଏକ ବିପୁଳ ବିଜୟ ପାଇଁ ନେତୃତ୍ୱ ନେବା ପାଇଁ ମୁଁ ତାରିକ ରହମାନଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଉଛି । ଏହି ବିଜୟ ଆପଣଙ୍କ ନେତୃତ୍ୱ ପ୍ରତି ବାଂଲାଦେଶବାସୀଙ୍କ ବିଶ୍ୱାସକୁ ପ୍ରତିଫଳିତ କରେ । ଭାରତ ଏକ ଗଣତାନ୍ତ୍ରିକ, ପ୍ରଗତିଶୀଳ ଏବଂ ଅନ୍ତର୍ଭୁକ୍ତ ବାଂଲାଦେଶର ସମର୍ଥନରେ ଠିଆ ହେବ ।' ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ପୋଷ୍ଟରେ ଆହୁରି ଲେଖିଛନ୍ତି, 'ଆମର ବହୁମୁଖୀ ସମ୍ପର୍କକୁ ମଜବୁତ କରିବା ଏବଂ ଆମର ସାଧାରଣ ବିକାଶ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ମୁଁ ଆପଣଙ୍କ ସହିତ କାମ କରିବାକୁ ଅପେକ୍ଷା କରିଛି ।' ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ଅଧ୍ୟକ୍ଷ ତାରିକ ରହମାନ ୨୦୨୬ ବାଂଲାଦେଶ ସଂସଦୀୟ ନିର୍ବାଚନରେ ଢାକା-୧୭ ଆସନରେ ବିଜୟୀ ହୋଇଥିଲେ । ୧୭ ବର୍ଷରୁ ଅଧିକ ସ୍ୱେଚ୍ଛାକୃତ ନିର୍ବାସନ ପରେ ରହମାନ ଗତ ବର୍ଷ ଡିସେମ୍ବରରେ ବାଂଲାଦେଶ ଫେରିଥିଲେ । ଦେଶକୁ ଫେରିବା ପରେ ଏହା ତାଙ୍କର ପ୍ରଥମ ପ୍ରମୁଖ ନିର୍ବାଚନ ବିଜୟ ଥିଲା । ତାଙ୍କ ବିଜୟ ପରେ, ରହମାନ ଦଳୀୟ ନେତା ଏବଂ କର୍ମୀମାନଙ୍କୁ ବିଜୟ ଶୋଭାଯାତ୍ରା କରିବା ପରିବର୍ତ୍ତେ ସାରା ଦେଶରେ ଶୁକ୍ରବାର ଅପରାହ୍ନ ପ୍ରାର୍ଥନା ପରେ ବିଶେଷ ପ୍ରାର୍ଥନା ଆୟୋଜନ କରିବାକୁ ଅନୁରୋଧ କରିଥିଲେ । ତାରିକ ରହମାନ ୬୦ ବର୍ଷ ବୟସର ଏବଂ ଏକ ପ୍ରମୁଖ ରାଜନୈତିକ ପରିବାରରୁ ଆସିଛନ୍ତି । ତାଙ୍କ ମାତାପିତା ଉଭୟ ପୂର୍ବତନ ପ୍ରଧାନମନ୍ତ୍ରୀ ଥିଲେ । ତାଙ୍କ ମାଆ ଖାଲେଦା ଜିଆ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଥିଲେ ଏବଂ ତାଙ୍କୁ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଜଣେ ପ୍ରମୁଖ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବରେ ବିବେଚନା କରାଯାଉଥିଲା । ବର୍ତ୍ତମାନ ତାରିକ ରହମାନ ବାଂଲାଦେଶର ଦାୟିତ୍ୱ ନେବାକୁ ଯାଉଥିବାରୁ, ପ୍ରଧାନମନ୍ତ୍ରୀ ମୋଦିଙ୍କ ବଙ୍ଗଳା ଭାଷାରେ ଅଭିନନ୍ଦନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଏହା ପଛରେ ଦୁଇଟି ପ୍ରମୁଖ କାରଣ ଅଛି ।

## ଦନ୍ତା ଆତଙ୍କ, ଗୋଟିଏ ପରିବାରର ୪ ଜଣଙ୍କ ସମେତ ୬ ମୃତ

ଝାଡ଼ଖଣ୍ଡ : ଜଙ୍ଗଲୀ ହାତୀ ପଲଙ୍କ ହାବୁଡରେ ପଡ଼ିଗଲେ ପୂରା ପରିବାର । ଗୋଟିଏ ପରିବାରର ଚାରି ଜଣ ସଦସ୍ୟଙ୍କ ସମେତ ଅତି କମରେ ୬ ଜଣଙ୍କୁ ଦଳି ମାରିଦେଇଛି ହାତୀ । ଝାଡ଼ଖଣ୍ଡର ହଜାରୀବାଗ ଜିଲ୍ଲାରେ ଏହି ଦୁଃଖଦ ଘଟଣା ଘଟିଛି । ବନ ଅଧିକାରୀଙ୍କ ସୂଚନା ଅନୁସାରେ ଗତ କିଛି ଦିନ ଧରି ଅନେକ ଲୋକଙ୍କୁ ଆକ୍ରମଣ କରିଥିବା ହାତୀ ଦଳ ଗୁରୁବାର ରାତିରେ ଚର୍ଚ୍ଚୁ ବ୍ଲକର ଗୋଣ୍ଡୱାର ଗାଁରେ ପ୍ରବେଶ କରି ଶୁକ୍ରବାର ଭୋର ସମୟରେ ଛଅ ଜଣଙ୍କୁ ଦଳି ଦେଇଛି । ହଜାରୀବାଗ ପୂର୍ବ ବନ ଅଧିକାରୀ ଡିଏଫଓ ବିକାଶ କୁମାର ଉଜ୍ଜ୍ୱଳ ପିଟିଆଇକୁ କହିଛନ୍ତି । ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ଚାରି ଜଣ ସଦସ୍ୟ ଅଛନ୍ତି । ଗୋଟିଏ ପିଲା ମଧ୍ୟ ଗୁରୁତର ଆହତ ହୋଇଛି । ଚିକିତ୍ସା ପାଇଁ ହଜାରୀବାଗର ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଗତ କିଛି ଦିନ ଧରି ବୋକାରୋ, ରାମଗଡ଼ ଏବଂ ହଜାରୀବାଗ ଜିଲ୍ଲାରେ ବୁଲୁଥିବା ହାତୀ ଦଳି ଦେଇଥିଲା ଏବଂ ପୂର୍ବରୁ ବୋକାରୋରେ ବ୍ୟାପକ କ୍ଷତି ଘଟାଇଥିଲା, ଉଜ୍ଜ୍ୱଳ କହିଛନ୍ତି ।

# ବାଂଲାଦେଶର ଭାବି ପ୍ରଧାନମନ୍ତ୍ରୀଙ୍କର ରହିଛି ବଡ଼ ରୋଚକ ପ୍ରେମ କାହାଣୀ ! କଠିନ ସମୟରେ ବି ହାତ ଛାଡି ନ ଥିଲେ ପତ୍ନୀ

ଢାକା : ବାଂଲାଦେଶର ରାଜନୀତି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଅଛି । କ୍ଷମତା ପରିବର୍ତ୍ତନ ଏବଂ ନିର୍ବାଚନୀ ବିଜୟ ପରେ, ଏବେ ଦେଶରେ ଏକ ନୂତନ ନେତୃତ୍ୱ ବିଷୟରେ ଆଲୋଚନା ବଢୁଛି, ଏବଂ ତାରିକ ରହମାନ ଏହି ପରିବର୍ତ୍ତନର କେନ୍ଦ୍ରରେ ଅଛନ୍ତି । ପ୍ରାୟ ୧୭ ବର୍ଷର ନିର୍ବାସନ ପରେ ତାଙ୍କର ସ୍ୱଦେଶ ଫେରିବା କେବଳ ଏକ ରାଜନୈତିକ ଘଟଣା ଭାବରେ ନୁହେଁ ବରଂ ଏକ ଭାବପ୍ରବଣ ଏବଂ ଐତିହାସିକ ମୁହୂର୍ତ୍ତ ଭାବରେ ମଧ୍ୟ ଦେଖାଯାଉଛି । ତାଙ୍କ ପତ୍ନୀ, ଡକ୍ଟର ଜୁବୈଦା ରହମାନ, ଯିଏ ତାଙ୍କୁ ପ୍ରତ୍ୟେକ ସମୟରେ ସମର୍ଥନ କରିଛନ୍ତି, ସେ ଏବେ ଚର୍ଚ୍ଚାରେ ଅଛନ୍ତି । ଯେତେବେଳେ ବିଏନପି କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରହମାନ ଦୀର୍ଘ ନିର୍ବାସନ ପରେ ଢାକା ଫେରିଥିଲେ, ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହର ପରିବେଶ ଥିଲା । ତାଙ୍କ ସହିତ ତାଙ୍କ ପତ୍ନୀ, ଡକ୍ଟର ଜୁବୈଦା ରହମାନ ଏବଂ ଝିଅ, ଜାଇମା ଜର୍ନାଜ ରହମାନ ମଧ୍ୟ ଥିଲେ । ଏହି ପ୍ରତ୍ୟାବର୍ତ୍ତନ କେବଳ ଏକ ରାଜନୈତିକ ନୁହେଁ ବରଂ ବ୍ୟକ୍ତିଗତ ଭାବରେ ଏକ ଗଭୀର ଭାବପ୍ରବଣ ମୁହୂର୍ତ୍ତ ଥିଲା । ରିପୋର୍ଟ ହୋଇଛି ଯେ ଢାକାରେ ପହଞ୍ଚିବା ପରେ, ଜୁବୈଦା ତାଙ୍କ ପିତାଙ୍କ ଧାନମୋଣ୍ଡି ଘରେ ରହିଥିଲେ । ଏମାନେ ପରିବାର ୨୦୦୮ ମସିହାରେ ଆଇନଗତ ଏବଂ ରାଜନୈତିକ ବିବାଦ ମଧ୍ୟରେ ଲଣ୍ଡନ ଚାଲି ଆସିଥିଲେ । ବର୍ତ୍ତମାନ, ବର୍ଷ ବର୍ଷ ପରେ, ତାଙ୍କର ପ୍ରତ୍ୟାବର୍ତ୍ତନକୁ ବାଂଲାଦେଶୀ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର ଆରମ୍ଭ ବୋଲି ବିବେଚନା କରାଯାଉଛି । ଡକ୍ଟର ଜୁବୈଦା ରହମାନ ୧୮ ମଇ ୧୯୭୨ ମସିହାରେ ସିଲହଟରେ ଜନ୍ମଗ୍ରହଣ କରିଥିଲେ । ଆରମ୍ଭରୁ ଜଣେ ମେଧାବୀ ଛାତ୍ରୀ ଜୁବୈଦା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ପରେ ଢାକା ମେଡିକାଲ କଲେଜରେ ନାମ ଲେଖାଇଥିଲେ । ୩ ଫେବୃଆରୀ ୧୯୯୪ ମସିହାରେ ସେ ତାରିକ ରହମାନଙ୍କୁ ବିବାହ କରିଥିଲେ । ଉଭୟଙ୍କ ମଧ୍ୟରେ ସେପରି କିଛି



ପ୍ରେମ କାହାଣୀ ନ ଥିଲେ ବି ଉଭୟ ପରିବାର ରାଜନୈତିକ ବ୍ୟାକଗ୍ରାଉଣ୍ଡର ହୋଇଥିବାରୁ ଏହି ବିବାହକୁ କେହି ମନା କରି ପାରି ନ ଥିଲେ । ଏମବିବିଏସ ଶେଷ କରିବା ପରେ, ଡକ୍ଟର ଜୁବୈଦା ରହମାନ ଚିକିତ୍ସା କ୍ଷେତ୍ରରେ ନିଜକୁ ସ୍ୱତନ୍ତ୍ର କରିଥିଲେ । ୧୯୯୫ ମସିହାରେ, ସେ ବିସିଏସ କ୍ୟାଡର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସରକାରୀ ଚାକିରିରେ ଯୋଗ ଦେଇଥିଲେ ।

୨୦୦୮ ମସିହାରେ ଅଧ୍ୟୟନ ଛୁଟିରେ ଲଣ୍ଡନ ଯିବା ପରେ, ରାଜନୈତିକ ପରିସ୍ଥିତି ପରିବର୍ତ୍ତନ ହୋଇଥିଲା ଏବଂ ତାଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯାଇଥିଲା । ଏହା ସତ୍ତ୍ୱେ, ସେ ତାଙ୍କର ଅଧ୍ୟୟନ ଜାରି ରଖିଲେ ଏବଂ ଲଣ୍ଡନର ପ୍ରତିଷ୍ଠିତ ଇମ୍ପେରିଆଲ କଲେଜରୁ ମେଡିସିନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଲଣ୍ଡନରେ, ସେ ପରିବାର ଏବଂ ଆଇନଗତ ଚ୍ୟାଲେଞ୍ଜକୁ ସନ୍ତୁଳିତ କରିଥିଲେ ।

ଜୁବୈଦା ରହମାନ ଏକ ପ୍ରଭାବଶାଳୀ ପରିବାରରୁ ଆସିଛନ୍ତି । ତାଙ୍କ ପିତା, ରିଅର ଆଡମିରାଲ ମହବୁବ ଅଲି ଖାନ, ବାଂଲାଦେଶ ନୌସେନାର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ ଏବଂ ପରେ ଯୋଗାଯୋଗ ଏବଂ କୃଷି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ୧୯୭୧ ମୁକ୍ତି ଯୁଦ୍ଧର କମାଣ୍ଡର-ଇନ-ଚିଫ ଜେନେରାଲ ଗଇଏ ଓସମାନି, ତାଙ୍କ କାକା ଥିଲେ । ଏହି ପୃଷ୍ଠଭୂମି ତାଙ୍କୁ ପିଲାଦିନରୁ ଜାତୀୟ ରାଜନୀତି ଏବଂ ପ୍ରଶାସନିକ ବ୍ୟବସ୍ଥାକୁ ନିକଟରୁ ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ଦେଇଥିଲା । ୨୦୦୮ ମସିହାରେ, ଦୁର୍ନୀତି ନିବାରଣ କମିଶନ ଜୁବୈଦା, ତାଙ୍କ ସ୍ୱାମୀ ଏବଂ ତାଙ୍କ ଶାଶୁଙ୍କ ବିରୁଦ୍ଧରେ ଆୟ ତୁଳନାରେ ଅଧିକ ସମ୍ପତ୍ତି ରଖିବା ପାଇଁ ଏକ ମାମଲା ଦାୟର କରିଥିଲା । ପରେ ଢାକାର ଏକ କୋର୍ଟ ସେମାନଙ୍କୁ ତିନି ବର୍ଷ ଜେଲ ଏବଂ ୩୫ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଥିଲା । ତଥାପି, ଆୱାମୀ ଲିଗ ସରକାରର ପତନ ପରେ ସେମାନଙ୍କ ଦଣ୍ଡାଦେଶକୁ ସ୍ଥଗିତ ରଖାଯାଇଥିଲା । ତାରିକ ରହମାନ ମଧ୍ୟ ଅର୍ଥ ହେରଫେର ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିବା ସମେତ ଗମ୍ଭୀର ଅଭିଯୋଗର ସମ୍ମୁଖୀନ ହୋଇଥିଲେ, ଯାହା ଯୋଗୁ ସେ ଦୀର୍ଘ ସମୟ ପାଇଁ ବିଦେଶରେ ରହିଥିଲେ । ୬,୩୦୦ ଦିନରୁ ଅଧିକ ସମୟ ପରେ ପରିବାରର ଘରକୁ ଫେରିବା ବାଂଲାଦେଶୀ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଭାବରେ ଦେଖାଯାଇଥିଲା । ନିର୍ବାଚନ ବିଜୟ ପରେ, ସମସ୍ତଙ୍କ ନଜର ଆଗାମୀ ସମୟରେ ତାରିକ ରହମାନଙ୍କ ନେତୃତ୍ୱ ଏବଂ ଜୁବୈଦା ରହମାନଙ୍କ ସକ୍ରିୟ ଉପସ୍ଥିତି ଦେଶର ରାଜନୀତିକୁ କେଉଁ ଦିଗରେ ନେଇଯିବ ତାହା ଉପରେ ରହିଛି ।

# ଟି୨୦ ବିଶ୍ୱକପ୍‌ରେ ବଡ ବିପର୍ଯ୍ୟୟ

## ଅଷ୍ଟ୍ରେଲିଆକୁ ମାତ୍ ଦେଲା ଦୁର୍ବଳ ଜିମ୍ବାୱେ, ୨୩ ରନ୍‌ରେ ମ୍ୟାଚ୍ ବିଜୟୀ

କଲମ୍ବୋ,୧୨।୨: ଚଳିତ ଟି-୨୦ ବିଶ୍ୱକପରେ ବଡ ବିପର୍ଯ୍ୟୟ ଘଟାଇଛି ଜିମ୍ବାୱେ। ଆଜି ଦଳ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଜଳକା କରି ମାରି ନେଇଛି ବାଜି। ଶ୍ରୀଲଙ୍କାର ଆର ପ୍ରେମଦାସା ଷ୍ଟାଡିୟମରେ ନୂଆ କୀର୍ତ୍ତିମାନ ହାସଲ କରି ଜିମ୍ବାୱେ ୨୩ ରନରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି।



୨୦୦୭ ଟି-୨୦ ବିଶ୍ୱକପ ପରେ ଜିମ୍ବାୱେ ପୁଣିଥରେ ଅଷ୍ଟ୍ରେଲିଆକୁ ଏପରି ବିପର୍ଯ୍ୟୟର ସାମ୍ନା କରିବାକୁ ବାଧ କରିଛି। ପ୍ରଥମେ ବ୍ୟାଟିଂ ଓ ପରେ ବୋଲିଂରେ ଜିମ୍ବାୱେ କମାଲ କରିଥିବା ବେଳେ ଅଷ୍ଟ୍ରେଲିଆ କେବଳ ଦେଖଣାହାରୀ ହୋଇ ରହି ଯାଇଛି।

୨୦୦୭ ଟି-୨୦ ବିଶ୍ୱକପରେ ଜିମ୍ବାୱେ ୫ ୱିକେଟରେ ଜିତିଥିଲା । ଏବେ ଦଳ ୨୩ ରନରେ ଅଷ୍ଟ୍ରେଲିଆକୁ ହରାଇଛି। ଏହି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜିମ୍ବାୱେର ଦ୍ରୁତ ବୋଲର ବ୍ଲେସିଂ ମୁଜରବାନିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ସେ ୪ ଓଭରରେ ୧୭ ରନ ଦେଇ ୪ ୱିକେଟ ନେଇଛନ୍ତି। ଆଜିର ୪ ସଫଳତା ପରେ ସେ ଜିମ୍ବାୱେର ତୃତୀୟ ବୋଲର ଭାବେ ଟି-୨୦ରେ ୧୦୦ ୱିକେଟ ଦଖଲ କରିଛନ୍ତି। ତାଙ୍କୁ ପୂର୍ବରୁ ଅଧିନାୟକ ସିକନ୍ଦର ରଜା ଓ ରିଚାର୍ଡ ନାଗରଭା ଏପରି ସଫଳତା ପାଇଥିଲେ।

ଜିମ୍ବାୱେ ୩ମ ଥର ପାଇଁ କୌଣସି ବିଶ୍ୱକପରେ ଅଷ୍ଟ୍ରେଲିଆକୁ ହରାଇବାର ସଫଳତା ମଧ୍ୟ ପାଇଛି। ୧୯୮୩ ଦିନିକିଆ ବିଶ୍ୱକପରେ ଡୁନକାନ ଫ୍ଲେଚରଙ୍କ ଜିମ୍ବାୱେ ୧୩ରେ ଅଷ୍ଟ୍ରେଲିଆକୁ ହରାଇଥିଲା। ସେହିପରି ୨୦୦୭ ଟି-୨୦ ବିଶ୍ୱକପରେ ପ୍ରୋସପର ଉଟସେୟାଙ୍କ ଜିମ୍ବାୱେ ୫ ୱିକେଟରେ ଅଷ୍ଟ୍ରେଲିଆ ଠାରୁ ଜିତିଥିଲା। ଏବେ ସିକନ୍ଦର ରଜାଙ୍କ ଜିମ୍ବାୱେ ନିଜକୁ ଏହି ତାଲିକାରେ ସାମିଲ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୧୬୯ ରନ କରିଥିଲା। ଦଳ ପକ୍ଷରୁ ବ୍ରାଏନ ବେନ୍‌ନେଟ ୫୬ ବଲରେ ଅପରାଜିତ ୬୪ ରନ କରିଥିବା ବେଳେ ଟି ମାରୁମନି ୨୧ ବଲରେ ୩୫, ରାୟନ ବର୍ଲ ୩୦ ବଲରେ ୩୫ ଓ ଶେଷ ଭାଗରେ ଅଧିନାୟକ ସିକନ୍ଦର ରଜା ୧୩ ବଲରେ ଅପରାଜିତ ୨୫ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କେବଳ ମାର୍କସ ଷ୍ଟୋଇନିସ ଓ କାମେରନ ଗ୍ରୀନ ଗୋଟିଏ ଲେଖାଏ ୱିକେଟ ପାଇଥିଲେ।

୧୭୦ ରନର ଟାର୍ଗେଟକୁ ପିଛା କରିବାକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆକୁ ବୋଲିଂରେ ଆରମ୍ଭରୁ ଘାଇଲା କରିଥିଲା ଜିମ୍ବାୱେ। ଦ୍ୱିତୀୟ ଓଭରର ପ୍ରଥମ ବଲରେ ବ୍ଲେସିଂ ମୁଜରବାନି ୮ ରନ କରିଥିବା ଜୋଶ ଇଙ୍ଗଲିସଙ୍କୁ ଆଉଟ କରି କଙ୍ଗାରୁ ଟିମକୁ ପ୍ରଥମ ଝଟକା ଦେଇଥିଲେ। ଏହାପରେ ଅଷ୍ଟ୍ରେଲିଆ ଅଧିନାୟକ ଟ୍ରାଭିସ ହେଡ(୧୭), ଗ୍ରୀନ ଓ ଟିମ ଡାଭିଡଙ୍କୁ ଖାତା ଖୋଲିବା ପୂର୍ବରୁ ହରାଇଥିଲା।ହେଡ ଓ ଗ୍ରୀନଙ୍କୁ ବ୍ରାଡ ଇଭାନ୍ସ ଆଉଟ କରିଥିବା ବେଳେ ଡାଭିଡଙ୍କ ୱିକେଟ ନେଇଥିଲେ ମୁଜରବାନି। ଅଷ୍ଟ୍ରେଲିଆ ୨୯ ରନରେ ୪ ୱିକେଟ ହରାଇ ସଙ୍କଟରେ ପଡିଥିଲା। ଏତିକି ବେଳେ ଗ୍ଲେନ ମ୍ୟାକ୍ସୱେଲ ଓ ମାଥ୍ୟୁ ରେନଶ' ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ଉଭୟ ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ ହେଁ ଆବଶ୍ୟକ ରନରେଟ ଧୀରେଧୀରେ ବଢ଼ିବାକୁ ଲାଗିଥିଲା।

ଶେଷରେ ବଡ ଶଟ ଖେଳିବାକୁ ଯାଇ ମ୍ୟାକ୍ସୱେଲ(୩୧) ବର୍ଲଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ରେନ ଶ' ଗୋଟିଏ ପଟେ ରହି ନିଜର ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଆଉ କେହି ବି ତାଙ୍କ ସାଥ ଦେଇ ନଥିଲେ। ଷ୍ଟୋଇନିସ ୬ ରନ, ବେନ ଡୱାରଶୁଇସ ୬ ରନ ଓ ଆଡାମ ଜାମ୍ପା କେବଳ ୨ ରନ କରିବାକୁ ସକ୍ଷମ ହୋଇଥିଲେ। ରେନଶ' ମଧ୍ୟ ୬୫ ରନର ଇନିଂସ ଖେଳି ୮ମ ବ୍ୟାଟର ଭାବେ ପ୍ୟାଭିଲିୟନ ଫେରିଥିଲେ। ଶେଷରେ ମାଥ୍ୟୁ କୁହନେମାନଙ୍କୁ ଇଭାନ୍ସ ରନ ଆଉଟ କରି ଅଷ୍ଟ୍ରେଲିଆର ଇନିଂସକୁ ୧୪୬ ରନରେ ଅଟକାଇ ଦେଇଥିଲେ। ଏଥିସହ ଜିମ୍ବାୱେକୁ ଐତିହାସିକ ୨୩ ରନର ବିଜୟ ଭେଟି ଦେଇଥିଲେ। ଜିମ୍ବାୱେ ପକ୍ଷରୁ ମୁଜରବାନି ସର୍ବାଧିକ ୪ ୱିକେଟ ନେଇଥିବା ବେଳେ ଇଭାନ୍ସ ୩ଟି, ୱେଲିଙ୍ଗଟନ ମାସାକାଜା ଓ ବର୍ଲଙ୍କୁ ଗୋଟିଏ ସଫଳତା ମିଳିଛି।

## ୟୁଏଇକୁ ଐତିହାସିକ ବିଜୟ ଦେଲେ ଆର୍ଯ୍ୟାଂଶ

ଦିଲ୍ଲୀ,୧୩।୨:ଚଳିତ ଟି-୨୦ ବିଶ୍ୱକପ(ରେ ଐତିହାସିକ ବିଜୟ ହାସଲ କରିଛି ୟୁଏଇ। ଆଜି ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଦଳ କାନାଡାକୁ ୫ ୱିକେଟରେ ହରାଇ ଚଳିତ ବିଶ୍ୱକପରେ ନିଜର



ପ୍ରଥମ ବିଜୟ ହାସଲ କରିଛି। ୧୫୧ ରନର ପିଛା କରୁଥିବା ୟୁଏଇକୁ ଆର୍ଯ୍ୟାଂଶ ଶର୍ମା(୫୩ ବଲରେ ଅପରାଜିତ ୭୪) ଓ ଶୋଏବ ଖାନ(୨୯ ବଲରେ ୫୧) ୨ ବଲ ପୂର୍ବରୁ ଦମଦାର ବିଜେ ଭେଟି ଦେଇଛନ୍ତି। ଚଳିତ ବିଶ୍ୱକପରେ ଏହା ୟୁଏଇର ପ୍ରଥମ ଓ ବିଶ୍ୱକପ ଇତିହାସରେ ଦ୍ୱିତୀୟ ବିଜୟ।

୧୫୧ ରନ ଟାର୍ଗେଟକୁ ପିଛା କରୁଥିବା ମହମ୍ମଦ ୱାସିମଙ୍କ ୟୁଏଇ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ୱାସିମ ମାତ୍ର ୮ ବଲରେ ୪ ରନ କରି ଆଉଟ ହୋଇଥିଲେ। ୟୁଏଇ ପ୍ରଥମ ୫ ଓଭରରେ ମାତ୍ର ୨୨ ରନ କରି ପାରିଥିଲେ। ତେବେ ଶର୍ମା ପାୱାର ପ୍ଲେର ଶେଷ ଓଭରରେ ଯଶକରନ ସିଂହଙ୍କ ଓଭରରୁ ୧୭ ରନ ଆଦାୟ କରି ୟୁଏଇ ଶିବିରରେ ଉତ୍ସାହ ଭରିଥିଲେ।

ଆର୍ଯ୍ୟାଂଶ ଶର୍ମା ବ୍ୟାଟିଂ ଜାରି ରଖିଥିଲେ ହେଁ ଅନ୍ୟପଟେ ପ୍ରଥମେ ଅଲିଶାନ ଶାର୍ଫୁ(୧୩ ବଲରେ ୫), ତା' ପରେ ମୟଙ୍କ କୁମାର(୬ ବଲରେ ୪) ଓ ହର୍ଷିତ କୌଶିକ(୯ ବଲରେ ୫ ରନ) ପ୍ୟାଭିଲିୟନ ଫେରିଥିଲେ। ସାଦ ବିନ ଜାଫର ୩ ୱିକେଟ ନେଇ କାନାଡାକୁ ବିଜୟ ବାସ୍ନା ଦେଇଥିଲେ।

୧୨.୩ ଓଭର ସୁଦ୍ଧା ୟୁଏଇ ୪ ୱିକେଟ ହରାଇ ୬୬ ରନ କରିଥିଲା। ଏତିକି ବେଳେ ଆର୍ଯ୍ୟାଂଶଙ୍କୁ ସାଥ ଦେବାକୁ ଆସିଥିଲେ ଶୋଏବ ଖାନ। ଦୁଇ ଜଣ ୫ମ ୱିକେଟ ପାଇଁ ଦମଦାର ବ୍ୟାଟିଂ କରିଥିଲେ। ଉଭୟ ନିଜ ନିଜର ଅର୍ଦ୍ଧଶତକ ହାସଲ କରିବା ସହ ୪୨ ବଲରେ ୮୪ ରନ ଯୋଡିଥିଲେ। ତେବେ ଦଳକୁ ଜିତିବା ପାଇଁ ୧ ରନ ଦରକାର ଥିବା ବେଳେ ଶୋଏବ ଆଉଟ ହୋଇଯାଇଥିଲେ। ପରବର୍ତ୍ତୀ ବଲରେ ମହମ୍ମଦ ଆରଫାନ ବିଜୟ ରନ ମାରି କାନାଡାକୁ ନିରାଶ କରିଦେଇଥିଲେ। ଏହାପୂର୍ବରୁ ଦଳ ୨୦୨୨ ଟି-୨୦ ବିଶ୍ୱକପରେ ନାମିବିୟାକୁ ହରାଇଥିଲା। ଦୀର୍ଘ ୪ ବର୍ଷ ପରେ ଦଳକୁ ବିଶ୍ୱକପରେ ଦ୍ୱିତୀୟ ବିଜୟ ମିଳିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା କାନାଡା ୨୦ ଓଭରରେ ୭ ୱିକେଟ ହରାଇ ୧୫୦ ରନ କରିଥିଲା। ଦଳ ପାଇଁ ହର୍ଷ ଠାକେର ୪୧ ବଲରେ ୫୦ ରନ କରିଥିଲେ। ୟୁଏଇ ପକ୍ଷରୁ ଜୁନେସ ସିଦ୍ଦିକର ୪ ଓଭରରେ ୩୫ ରନ ଦେଇ ୫ ସଫଳତା ହାସଲ କରିଥିଲେ। ଏଥିପାଇଁ ସେ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଜିତିଛନ୍ତି।

## ଧୋଇହୋଇଯିବ ଭାରତ-ପାକିସ୍ତାନ ମ୍ୟାଚ୍

ନୂଆଦିଲ୍ଲୀ,୧୩।୨: ଭାରତ ଏବଂ ପାକିସ୍ତାନ ମଧ୍ୟରେ ମହାମୁକାବିଲା ଫେବୃଆରୀ ୧୫ରେ ଖେଳାଯିବ। ପିସିବି ତାଙ୍କ ନିଷ୍ପତ୍ତିରେ ୟୁ-ଟର୍ନ ନେଇଛି। ଏହାର ଅର୍ଥ ହେଉଛି ଯେ, ପ୍ରଶଂସକମାନେ ପୁଣି ଥରେ କଲମ୍ବୋ ପିଚ୍‌ରେ ଏକ ରୋମାଞ୍ଚକର ପ୍ରତିଯୋଗିତା ଦେଖିବେ। ଏସିଆ କପ ଫାଇନାଲ ପରେ ଭାରତ ଏବଂ ପାକିସ୍ତାନ ପ୍ରଥମ ଥର ପାଇଁ ପରସ୍ପର ସହିତ ମୁହାଁମୁହିଁ ହେବେ।ଫେବୃଆରୀ ୧୨ରୁ କଲମ୍ବୋରେ ପାଗ ଅତ୍ୟନ୍ତ ଖରାପ ହେବାର ଆଶା କରାଯାଉଛି। ଫେବୃଆରୀ ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ଶ୍ରୀଲଙ୍କାର ଏହି ସହରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର ହେଉଛି ଯେ, ଫେବୃଆରୀ ୧୫ରେ ଭାରତ-ପାକିସ୍ତାନ ମ୍ୟାଚ୍ ଦିନ ପାଗ ମେଘୁଆ ରହିବ, କିନ୍ତୁ ବର୍ଷାର ସମ୍ଭାବନା କମ୍। ଏହାର ଅର୍ଥ ହେଉଛି ପ୍ରଶଂସକମାନେ ଏକ ରୋମାଞ୍ଚକର ୪୦ ଓଭର ମ୍ୟାଚ୍ ଆଶା କରିପାରିବେ। ବର୍ଷା ମ୍ୟାଚ୍ ବାଧାପ୍ରାପ୍ତ କରିବାର ସମ୍ଭାବନା ନାହିଁ। କ୍ରିକେଟର ସବୁଠାରୁ ଛୋଟ ଫର୍ମାଟରେ ଟିମ ଇଣ୍ଡିଆ ଏବଂ ପାକିସ୍ତାନ ୧୩ ଥର ମୁହାଁମୁହିଁ ହୋଇଛନ୍ତି, ଯେଉଁଥିରୁ ଭାରତ ୧୦ଟି ମ୍ୟାଚ୍ ଜିତିଛି। ପାକିସ୍ତାନ କେବଳ ତିନୋଟିରେ ବିଜୟୀ ହୋଇଛି। ଏସିଆ କପ ୨୦୨୫ରେ ଭାରତ ମଧ୍ୟ ତିନି ଥର ପାକିସ୍ତାନକୁ ପରାସ୍ତ କରିଥିଲା।

### ସପ୍ତମ ରାଜ୍ୟସ୍ତରୀୟ ଖଲିଆପାଲି ଫୁଟବଲ ଟୁର୍ଣ୍ଣାମେଣ୍ଟ

## ପେନାଲ୍ଟିରେ ଜିତିଲା ସୋନପୁର

ବଲାଙ୍ଗିର,୧୩।୨(ମହାଭାରତ): ବଲାଙ୍ଗିର ମ୍ୟୁନିସିପାଲଟି ଅନ୍ତର୍ଗତ ୱାର୍ଡ ନମ୍ବର ୧୭ ସ୍ଥିତ ଖଲିଆପାଲି ଡ. ବି ଆର୍ ଆମ୍ବେଦକର ଷ୍ଟାଡିୟମ ଠାରେ ସପ୍ତମ ରାଜ୍ୟସ୍ତରୀୟ ଖଲିଆପାଲି ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ମ୍ୟାଚ୍ ଆୟୋଜିତ ହୋଇଯାଇଛି । ଏହି ମ୍ୟାଚ୍‌ରେ ସୋନପୁର ଏଫସି ଦଳ ଜରାସିଂହା ବିଏନଏଏ ଦଳକୁ ପେନାଲ୍ଟି ସୁଟ ଆଉଟ୍ ରେ ପରାସ୍ତ କରିଛି ।

ଜଗନ୍ନାଥ ସ୍ପୋର୍ଟିଂ କ୍ଲବର ସଭାପତି ଶୁକଦେବ ସାହୁ ଓ ସମ୍ପାଦକ ହେମସାଗର ମହାନନ୍ଦ ଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଏହି ମ୍ୟାଚ୍‌ରେ ବରେଣ୍ୟ ଅତିଥି ଭାବରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ର ସଭାପତି ସୋମନାଥ ମିଶ୍ର, ଓଡ଼ିଶା ଆଡିଆ, ପାଡିଆ ରାଜ୍ୟ ସଭାପତି ଓ ରାଜ୍ୟ ଲନ ବଲ୍ ସଂଘର ସମ୍ପାଦକ ସୁମିତ ପୁରୋହିତ, ବଲାଙ୍ଗିର ସାଂସଦ ଙ୍କ ପୁଇଁତଲା ବ୍ଲକ ପ୍ରତିନିଧି ରାଜକିଶୋର ନାଏକ, ଜିଲ୍ଲା ଏଥଲେଟିକ ସଂଘର ଫୁଟବଲ ସେକ୍‌ରେଟାରୀ ଶରତ କୁମାର ନନ୍ଦ, ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦକ ଗୋବିନ୍ଦ ଶତପଥୀ, ଡିପିଇଓ ବଲାଙ୍ଗିର ପ୍ରଦୀପ କୁମାର ନାଏକ, ଭାଲେର ସରପଞ୍ଚ ପ୍ରଦୀପ ନନ୍ଦ, ଧନୁଯାତ୍ରା କମିଟି ଭାଲେର ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ନାଏକ, ସମଲେଶ୍ୱରୀ ମନ୍ଦିର ଆଳତୀ କମିଟି ସଭାପତି ବିକାଶ ସା ପ୍ରମୁଖ ଉପସ୍ଥିତ ଥିଲେ । ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧ ରେ ଉଭୟ ଦଳର ଖେଳାଳୀ ମାନେ ଅନେକ ଚେଷ୍ଟା କରିଥିଲେ ହେଁ ଆଉ ଅଧିକ ଗୋଲ ହୋଇ ନଥିଲା । ଫଳରେ ମ୍ୟାଚ୍ ଶେଷରେ ପେନାଲ୍ଟି ର ସାହାରା ନିଆଯାଇଥିଲା । ଏଥିରେ ସୋନପୁର ଦଳ ୫ ଗୋଲ କରିଥିବା ବେଳେ ଜରାସିଂହା ଦଳ ୪ ଗୋଲ କରିଥିଲେ । ଫଳରେ ସୋନପୁର ଦଳ ବିଜୟୀ ହୋଇଥିଲା । ଆଜିର ଏହି ମ୍ୟାଚ୍ ରେ ରେଫରୀ ଭାବରେ ଆଶିଷ ବାଗ ପଡିଆରେ ଖେଳ ପରିଚାଳନା କରିଥିଲେ । ସହଯୋଗୀ ରେଫରୀ ଭାବରେ ସଞ୍ଜୀବ ମହାରଣା, ଶୁଭ୍ରାଂଶୁ ସେଠ୍, ଉମେଶ ଭୋଇ ରହିଥିବା ବେଳେ ମ୍ୟାଚ୍ କମିଶନର ଭାବରେ ବୁଦ୍ଧିରାଜ୍ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ । ଜଗନ୍ନାଥ ସ୍ପର୍ଟିଂ କ୍ଲବ୍ ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଆସନ୍ତା କାଲି ପାଟଣାଗଡ଼, ନକଟାସର ଜିୱାଇଡିସି ବନାମ ସୋନପୁର ଏଫସି ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି ।

## ମାଟିଆ ଚାମ୍ପିୟାନ



ପଟ୍ଟାମୁଣ୍ଡାଇଲ,୧୩।୨(ମହାଭାରତ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁ କାକୁଡିପଲ୍ଲୀ କୃଷ୍ଣ ବଳରାମ କ୍ଲବ ପକ୍ଷରୁ ୪ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ର ୧୬ଟି ୱାର୍ଡ ମଧ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟରେ ପୌରାଞ୍ଚଳ ର ୧୬ଟି ୱାର୍ଡର ୧୬ଟି କ୍ରିକେଟ ଦଳ ଭାଗ ନେଇଥିଲେ ଓ ଫାଇନାଲ ଖେଳ ନୂଆଗାଁ କାକୁଡିପଲ୍ଲୀ ୯ନଂ ୱାର୍ଡ କ୍ରିକେଟ ଦଳ ଓ ୧୭ନଂ ୱାର୍ଡ ମାଟିଆ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ନୂଆଗାଁ କାକୁଡିପଲ୍ଲୀ କ୍ରିକେଟ ଦଳକୁ ହରାଇ ମାଟିଆ ଦଳ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟାନ ହୋଇଛି ଓ ନୂଆଗାଁ କାକୁଡିପଲ୍ଲୀ କୃଷ୍ଣବଳରାମ କ୍ରିକେଟ କ୍ଲବ ସଭାପତି ଯୁବନେତା ଦିଲ୍ଲୀପ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଓ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଜୟୀ ମାଟିଆ ଦଳକୁ ଚାମ୍ପିୟାନ ଟ୍ରଫି ଓ ନୂଆଗାଁ କାକୁଡିପଲ୍ଲୀ ଦଳକୁ ରନର୍ସ କପ ପ୍ରଦାନ କରିଥିଲେ ଓ ଏହି ଟୁର୍ନାମେଣ୍ଟକୁ ଚିତ୍ତ ରଂଜନ ସେଠୀ, ଦିଲ୍ଲୀପ ସେଠୀ, ମଙ୍ଗୁଳି ସେଠୀ, ଚିଷ୍ଣୁ ଦାସ ଓ ମଣ୍ଟୁ ସେଠୀ ପରିଚାଳନା କରିଥିଲେ ।

## ଶୀତକାଳୀନ ଅଲିମ୍ପିକ୍ସରେ କଣ୍ଡୋମ୍ ସଙ୍କଟ: ୩ ଦିନରେ ଶେଷ ହେଲା ୧୦,୦୦୦ ପ୍ୟାକେଟ୍

ନୂଆଦିଲ୍ଲୀ,୧୩।୨: ଇଟାଲୀରେ ଅନୁଷ୍ଠିତ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଖେଳ ଆରମ୍ଭର ମାତ୍ର ୩ ଦିନ ମଧ୍ୟରେ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ମାଗଣା କଣ୍ଡୋମ ଶେଷ ହୋଇଯାଇଛି, ଯାହା ଆୟୋଜକଙ୍କୁ ଚିନ୍ତାରେ ପକାଇଛି। ମିଲାନ୍-କୋର୍ଟିନା ଅଲିମ୍ପିକ୍ସ ଭିଲେଜରେ ପ୍ରାୟ ୨,୯୦୦ ଆଥଲେଟ୍ ରହୁଥିବାବେଳେ ସେମାନଙ୍କ ପାଇଁ ଆୟୋଜକମାନେ ୧୦,୦୦୦ ପ୍ୟାକେଟ୍ କଣ୍ଡୋମ ମାଗଣାରେ ବାଣ୍ଟିବାକୁ ରଖିଥିଲେ। କିନ୍ତୁ ମାତ୍ର ୩ ଦିନ ମଧ୍ୟରେ ଏହି ଷ୍ଟକ୍ ସମ୍ପୂର୍ଣ୍ଣ ଶେଷ ହୋଇଯାଇଛି। ଫଳରେ ଗେମ୍ସ ଭିଲେଜରେ ଏକ ପ୍ରକାର 'କଣ୍ଡୋମ ସଙ୍କଟ' ଦେଖାଦେଇଛି।




ଗତ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରାୟ ୨ ଲକ୍ଷରୁ ଅଧିକ କଣ୍ଡୋମ ଯୋଗାଇ ଦିଆଯାଇଥିଲା। କିନ୍ତୁ ମିଲାନ୍ ଆୟୋଜକମାନେ ଏଥର ମାତ୍ର ୧୦,୦୦୦ ପ୍ୟାକେଟ୍ ରଖିଥିଲେ, ଯାହା ଆବଶ୍ୟକତା ତୁଳନାରେ ବହୁତ କମ୍ ସାବ୍ୟସ୍ତ ହୋଇଛି।

ଅନେକ ଖେଳାଳି ଅଲିମ୍ପିକ୍ସ ଲୋଗୋ ଥିବା ଏହି ସାମଗ୍ରୀଗୁଡ଼ିକୁ ସ୍ମୃତି ଚିହ୍ନ ଭାବରେ ନିଜ ସାଙ୍ଗରେ ନେଇଯାଉଥିବାରୁ ଏହା ଶୀଘ୍ର ଶେଷ ହୋଇଥିବା ଅନୁମାନ କରାଯାଉଛି।ଏହା ବ୍ୟତୀତ ଖେଳାଳିମାନେ ଏକାଠି ରହୁଥିବାରୁ ସୁରକ୍ଷିତ ଯୌନ ସମ୍ପର୍କ ଏବଂ ସ୍ୱାସ୍ଥ୍ୟ ସଚେତନତା ପାଇଁ ଅଲିମ୍ପିକ୍ସରେ ଏଭଳି ସୁବିଧା ଯୋଗାଇଦେବା ଏକ ପୁରୁଣା ପରମ୍ପରା।

ଏହି ଅପ୍ରତ୍ୟାଶିତ ସ୍ଥିତି ପରେ ଆୟୋଜକ କମିଟି ତରଫରୁ ଖୁବଶୀଘ୍ର ନୂତନ ଷ୍ଟକ୍ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ଖେଳାଳିଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଟୁର୍ଣ୍ଣାମେଣ୍ଟ ଶେଷ ପର୍ଯ୍ୟନ୍ତ ଏହି ଯୋଗାଣ ଜାରି ରହିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ୨୦୨୧ ଟୋକିଓ ଅଲିମ୍ପିକ୍ସରେ କରୋନା କଟକଣା ଯୋଗୁଁ ଖେଳାଳିଙ୍କ ମଧ୍ୟରେ ଶାରୀରିକ ଦୂରତା ବଜାୟ ରଖିବାକୁ ନିର୍ଦ୍ଦେଶ ଥିଲା, କିନ୍ତୁ ଚଳିତ ଶୀତକାଳୀନ ଅଲିମ୍ପିକ୍ସରେ ସେଭଳି କୌଣସି ପ୍ରତିବନ୍ଧକ ନାହିଁ।

## ରାଜସ୍ଥାନ ରୟାଲ୍ସ ନୂଆ ଅଧିନାୟକ ହେଲେ ରିୟାନ ପରାଗ

ନୂଆଦିଲ୍ଲୀ,୧୩।୨: ଆଇପିଏଲ ୨୦୨୬ ସିଜିନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଲିଗ୍‌ର ପ୍ରଥମ ଚାମ୍ପିୟନ ଦଳ ଏଥର ସମ୍ପୂର୍ଣ୍ଣ ନୂଆ ରୂପରେ ପଡ଼ିଆକୁ ଓହ୍ଲାଇବ। ସଞ୍ଜୁ ସାମସନ ଦଳ ଛାଡ଼ିବା ପରେ ଫ୍ରାଞ୍ଚାଇଜ ପକ୍ଷରୁ ଯୁବ ଅଲରାଉଣ୍ଡର ରିୟାନ ପରାଗଙ୍କୁ ନୂଆ ଅଧିନାୟକ ଭାବେ ଘୋଷଣା କରାଯାଇଛି। ରାଜସ୍ଥାନ ରୟାଲ୍ସ ଶୁକ୍ରବାର (୧୩ ଫେବୃଆରୀ) ନିଜର ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ରିୟାନ ପରାଗଙ୍କ ନାମ ଉପରେ ମୋହର ମାରିଛି। ଆସାମର ଏହି ତାରକା ଖେଳାଳିଙ୍କୁ ଅଧିନାୟକ କରିବା ପାଇଁ ମ୍ୟାନେଜମେଣ୍ଟ ଏକ ଦୀର୍ଘ ପ୍ରକ୍ରିୟା ଦେଇ ଗତି କରିଥିଲା। ଫ୍ରାଞ୍ଚାଇଜ ମାଲିକ ମନୋଜ ବଦାଲେ ଏବଂ କ୍ରିକେଟ ଡାଇରେକ୍ଟର କୁମାର ସାଙ୍ଗାକାରା ଏକ ୧୧ ମିନିଟର ଭିଡିଓରେ କହିଛନ୍ତି ଯେ, ଅଧିନାୟକ ପଦ ପାଇଁ ୭ ଜଣ ଦାବିଦାର ଥିଲେ ଏବଂ ସମସ୍ତଙ୍କର କଠିନ ସାକ୍ଷାତକାର ନିଆଯାଇଥିଲା। ଅଧିନାୟକ ଦୌଡ଼ରେ ରିୟାନ ପରାଗଙ୍କ ସହ ରବିନ୍ଦ୍ର ଜାଡେଜା ଏବଂ ଷ୍ଟାର୍ ଓପନର ଯଶସ୍ୱୀ ଜୟସ୍ୱାଲ ମଧ୍ୟ ଥିଲେ। ଏହାଛଡ଼ା ଧ୍ରୁବ ଜୁରେଲ, ଶିମ୍ରନ ହେଟମାୟର, ଜୋଫ୍ରା ଆର୍ଚ୍ଚର ଏବଂ ସନ୍ଦୀପ ଶର୍ମା ମଧ୍ୟ ଏହି ତାଲିକାରେ ସାମିଲ ଥିଲେ। ମାତ୍ର ରିୟାନଙ୍କ ଘରୋଇ କ୍ରିକେଟରେ ନେତୃତ୍ୱ ନେବାର ଅଭିଜ୍ଞତା ଏବଂ ଗତ ସିଜିନରେ କିଛି ମ୍ୟାଚ୍‌ରେ ତାଙ୍କର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ତାଙ୍କୁ ଚୟନ କରାଯାଇଛି।ରିୟାନ ପରାଗ ପ୍ରକାଶ କରିଛନ୍ତି ଯେ, ସେ ଅଧିନାୟକ ହେବା ଖବର ଜାଣିବା ପରେ ସର୍ବପ୍ରଥମେ ଯଶସ୍ୱୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜୟସ୍ୱାଲ ମେସେଜ କରି କହିଥିଲେ, 'ଅଭିନନ୍ଦନ ଭାଇ, ଏଥର ଆମେ ଜିତିବା।" ଏହି ବାର୍ତ୍ତା ଦଳ ମଧ୍ୟରେ ଥିବା ଏକତା ଏବଂ ଜୟସ୍ୱାଲଙ୍କ ଖେଳାଳି ସୁଲଭ ମନୋଭାବକୁ ଦର୍ଶାଉଛି।

## ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ: ଉଦଘାଟନୀ ମ୍ୟାଚ୍‌ରେ ହାରିଲା ଭାରତ



ବ୍ୟାଙ୍କକ୍: ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଆରମ୍ଭ ହୋଇଥିବା ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ-ଏ ପରାଜୟ ବରଣ କରିଛି। ୟୁଏଇ ମହିଳା ଦଳ ଭାରତକୁ ୭ ୱିକେଟ୍‌ରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ଆରମ୍ଭରୁ ହିଁ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା ଓ ଶେଷ ପର୍ଯ୍ୟନ୍ତ ବିପର୍ଯ୍ୟୟରୁ ଉଠି ପାରିନଥିଲା।ତେବେ ଅନୁଷ୍କା ଶର୍ମା (୪୭) ଓ ତନୁଜା କନଓ୍ୱେର୍ (୩୪) ଲଢୁଆ ବ୍ୟାଟିଂ କରି ଏକ ସମ୍ମାନଜନକ ସ୍କର୍ ଛିଡ଼ା କରିବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ଭାରତ-ଏ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୩୦ ରନ କରିଥିଲା। ୟୁଏଇ ପକ୍ଷରୁ ସମୈରା ଧରଣୀଧରକା ୪୦ ରନ୍ ଦେଇ ୩ଟି ୱିକେଟ୍ ନେଇଥିବାବେଳେ ବୈଷ୍ଣବୀ ମହେଶ ଓ ଅଧିନାୟିକା ଇଶା ଓଜା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।୧୩୧ ରନ୍‌ର ଲକ୍ଷ୍ୟକୁ ୟୁଏଇ ୧୯.୨ ଓଭରରେ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଇଶା ଓଜା ୭୧ ରନ୍‌ର ଏକ ମ୍ୟାଚ୍‌ବିଜୟୀ ପାଳି ଖେଳିଥିବାବେଳେ ସମୈରା ଧରଣୀଧରକା ୩୪ ରନ୍‌ର ଯୋଗଦାନ ଦେଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k